## ବାଣ ଫୁଟି ୧୦ ଆହତ

ସୋର(ଜନ୍ମେଜୟ ମିଶ୍ର): ସୋରରେ ବିଭିନ୍ନ ସ୍ଥାନରେ ବାଣ ଫୁଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ରାଇପୁର ଗ୍ରାମର ଖଗେନ୍ଦ୍ର ବାରିକ(୧୧) ଘର ଆଗରେ ଦିଆସିଲରେ ବାଣ ଲଗାଉଥିବା ବେଳେ ହଠାତ ବାଣ ତାଙ୍କ ମୁହଁ ନିକଟରେ ଫାଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସୋର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଇଟୁଆ ଗ୍ରାମର ନିଳାଦ୍ରୀ ମହାନ୍ତି, ଖଣ୍ଡାସାହିର ଅନିବେଶ ବେହେରା, ସିମୁଳିଆର ଚନ୍ଦନ ବେହେରା, ଶିରାପୁରର ସୁଶାନ୍ତ ଭୋଇ ପ୍ରମୁଖ ଆହତ ହୋଇଛନ୍ତି।



**ବାଲେଶ୍ୱର**

**ସଂକ୍ଷେପରେ**

## ବାଲେଶ୍ୱରରେ ନୂତନ ସିଡିଏମ୍‌ଓ



ବାଲେଶ୍ୱର, ୧।୧୧(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡ଼ିଏମ୍ ଆଣ୍ଡ ପିଏଚ୍‌ଓ) ଭାବେ ଡା. ଗୋପୀନାଥ ପରିଡ଼ା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ଦୁଲାଲସେନ ଜଗଦ୍ଦେବ ଉପସ୍ଥିତ ରହି ଡା. ପରିଡ଼ାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ।

ଆୟୋଜିତ ସଭାରେ ବରିଷ୍ଠ ଡା. ମନୋଜ କୁମାର ସାହୁ, ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ବସନ୍ତ ଉପାଧ୍ୟାୟ, ଡା. ମୃତ୍ୟୁଞ୍ଜୟ ମିଶ୍ର, ଡା. ରଞ୍ଜନ ନାୟକ, ଡା. ସରୋଜ ରାଜ, ଡା. ସଞ୍ଜିବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଯୋଗଦେଇଥିବା ସିଡିଏମ୍‌ଓଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ନିରବିଚ୍ଛିନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସିଡିଏମ୍‌ଓ ଡା. ପରିଡ଼ା କହିଥିଲେ। ଡିପିଏମ୍ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବସ୍ତା, ୧।୧୧(ହରିଶଙ୍କର ପାଢ଼ୀ): ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବାସୁ ଚକୁରାଇ ଗାଁର ଚୈତନ୍ୟ ମାଝି (୪୫ ) ଗୁରୁବାର ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ବୁଡି ଯାଇ ପ୍ରାଣ ହରାଇଛନ୍ତି। ଚୈତନ୍ୟକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବସ୍ତା ପୋଲିସ ମାମଲା(ନଂ.୪୧/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

## ବୃଦ୍ଧାଶ୍ରମ ସ୍ଥାପନା ପାଇଁ କମିଟି ଗଠନ

ଖଇରା, ୧।୧୧(ଉତ୍କଳବନ୍ଧୁ ପଣ୍ଡା) ଅସହାୟ ବୃଦ୍ଧାବୃଦ୍ଧଙ୍କ ଆଶ୍ରୟ ପାଇଁ ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଡ଼ନା ପଞ୍ଚାୟତ ଅଧୀନ ତାଳକୁରୁଆଠାରେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଉୁଙ୍ଗୁରା ହାଇସ୍କୁଲ ପ୍ରଧାନଶିକ୍ଷକ ମାୟାଧର ସାହୁଙ୍କ ପୃଷ୍ଠପୋଷକତାରେ ଏହି କାର୍ଯ୍ୟ ସମାପନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଜାଗା ବନ୍ଦୋବସ୍ତ ହୋଇସାରିଥିବା ବେଳେ ଖୁବଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କାର୍ଯ୍ୟ ପରିଚାଳନା ପାଇଁ ମଙ୍ଗଳବାର ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ବୁଦ୍ଧିରାମ ପାଣିଗ୍ରାହୀ, ଉପସଭାପତିଭାବେ ସୁରମା ପାଣି, ସମ୍ପାଦକ ଭାବେ ସାଗର କୁମାର ସାହୁ, ସହସମ୍ପାଦକ ଭାବେ ଯୁଧିଷ୍ଠୀର ନାୟକ, କୋଷାଧ୍ୟକ୍ଷ ଭାବେ ଷଡାନନ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ପର୍ଯ୍ୟବେକ୍ଷକ ଭାବେ ଧନଞ୍ଜୟ ପଣ୍ଡା ଏବଂ ଶୁଭ୍ରାଂଶୁ ଶେଖର ମହପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଖୋଲିଲା କୁଳଡ଼ିହା

ନୀଳଗିରି, ୧।୧୧(ପ୍ରଶାନ୍ତ ବିଶ୍ୱାଳ)

**ପର୍ଯ୍ୟଟକଙ୍କୁ ସ୍ୱାଗତକଲେ ବନ ଅଧିକାରୀ**

ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବର୍ଷାଦିନ ପାଇଁ ଗତ ଜୁନ୍ ୧୫ରୁ ନୀଳଗିରି ଉପଖଣ୍ଡ ଅଧୀନ କୁଲଡିହା ଅଭୟାରଣ୍ୟ ବନ୍ଦ ରହିଥିବା ବେଳେ ଶୀତଋତୁ ଆଗମନରେ ଶୁକ୍ରବାର ଖୋଲାଯାଇଛି। ଚଳିତବର୍ଷ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ପଶ୍ଚିମବଙ୍ଗରୁ ଆସି ପୂର୍ବ ରାତିରେ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟ ହୋଟେଲରେ ରାତ୍ରିଯାପନ କରିବା ପରେ ପ୍ରଥମ ଦିନରେ ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସଙ୍କ ସହିତ ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ରିତୱିକ୍ ଗଙ୍ଗୋପାଧ୍ୟାୟ, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ରତ୍ନାକର କବି ଓ ତୃତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ସୁଦୀପ୍ତ ମିତ୍ରଙ୍କ ସହ ୧୨ଟି ଚାରି ଚକିଆ ଗାଡ଼ିରେ ମୋଟ ୫୮ଜଣ ପର୍ଯ୍ୟଟକ ଆସିଥିଲେ। ସମସ୍ତଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ ଫିତାକାଟି ଥିବା ବେଳେ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନର ଏସିଏଫ୍ ରାମଚନ୍ଦ୍ର ମୁର୍ମୁ ଗେଟ୍ ଖୋଲିଥିଲେ। କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର ସୌମ୍ୟରଞ୍ଜନ ମାଝି, ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ସହ ଫରେଷ୍ଟଗାର୍ଡ ଦୁଷ୍ମନ୍ତ କୁମାର ଜେନା, ମନୋଜ କୁମାର ମହାଳିକ, ଲାଲମୋହନ ସିଂ, ଦେବେନ୍ଦ୍ର ସିଂ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭୟାରଣ୍ୟର ଗୋହିରାଭୋଳଠାରେ ଥିବା ନେଚର୍ସ ପାର୍କକୁ ଆକର୍ଷଣୀୟ କରାଯାଇଛି। କୁଲଡ଼ିହାକୁ ଲାଗିରହିଥିବା ଡ୍ୟାମ୍ ସାତଘାଟି, ରିସିଆ, ଜୋଡ଼ାଚୁଆ ଅଞ୍ଚଳରେ ୨୫୦ରୁ ଅଧିକ ସଂଖ୍ୟାରେ ଦେଶୀ, ବିଦେଶୀ ପକ୍ଷୀ ଦେଖିବାକୁ ମିଳେ। ରାତ୍ର ରହଣି ନିମନ୍ତେ 'ରିଷିଆ ପ୍ରକୃତି ନିବାସ'ରେ ୯ଟି ତମ୍ବୁ ଘରେ ଶୌଚାଳୟ, ଆଲୋକ ବ୍ୟବସ୍ଥା, ରୁଚିକର ଖାଦ୍ୟ, ସକାଳେ ଚା', ଜଳଖିଆ, ଦ୍ୱିପହରେ ଭାତ ଡାଲି, ପରିବା ତରକାରୀ, ମାଛ, ଅଣ୍ଡା ଏବଂ ରାତିରେ ରୁଟି, ଡାଲି ଆଦି ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ତେବେ ଏଠାରେ ମାଦକଦ୍ରବ୍ୟ, ମାଂସ ଉପରେ କଟକଣା ରହିଛି। ବନ୍ୟପ୍ରାଣୀ ପଶି ନ ଆସିବା ପାଇଁ ଏହା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଛି। ପର୍ଯ୍ୟଟକମାନେ ବୁଲିବା ସମୟରେ ୫ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାରରେ ଅତି ନିକଟରୁ କୁଲଡିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବାର ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟ ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଛି। ଭ୍ରମଣ ନିମନ୍ତେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଛି। ଏଠାରେ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩ହଜାର ୮୭୪ ଟଙ୍କା ଧାର୍ଯ୍ୟ କରାଯାଇଛି।



କୁଲଡ଼ିହା ଅଭୟାରଣ୍ୟର ଗେଟ୍ ଖୋଲୁଛନ୍ତି ନୀଳଗିରି ଉପଜିଲାପାଳ।

## କାଳୀପୂଜା ପାଇଁ ଉତ୍ସବମୁଖର ଖନ୍ତାପଡ଼ା ବଜାର

ବାହାନଗା, ୧।୧୧(ଅରୂପ କୁମାର ଦାସ) କାଳୀ ପୂଜା ପାଇଁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ବଜାର ଉତ୍ସବମୁଖର ହୋଇଉଠିଛି। ଏହି ବଜାରରେ ଦୀର୍ଘ ୧୧୯ ବର୍ଷ ଧରି ମା' ଜଗଜ୍ଜନନୀ କାଳୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହେଉଛି। ରଙ୍ଗୀନ ଆଲୋକମାଳା ସାଜସଜ୍ଜା ସାଙ୍ଗକୁ ଝଲସୁଛି ତୋରଣ। ରୀତିନୀତି ଓ ପରମ୍ପରା ଅନୁସାରେ ମା' କାଳୀଙ୍କ ପୂଜା କରାଯାଇଛି। ବଜାର ରାସ୍ତାର ଉଭୟପାର୍ଶ୍ୱରେ ନିର୍ମିତ ବିଦ୍ୟୁତ ଚାଳିତ କୁଞ୍ଜ ସାଙ୍ଗକୁ ପୌରାଣିକ କଥାବସ୍ତୁକୁ ନେଇ ପ୍ରସ୍ତୁତ ଏବଂ ମା' କାଳୀଙ୍କ ଦଶାବତାର ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଛି। ଖନ୍ତାପଡାରେ ହେଉଥିବା କାଳୀ ପୂଜା ପ୍ରଥମବର୍ଷ ଘଟପୂଜାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏବେ ବଡ଼ ଧରଣର ହୋଇଆସୁଛି। ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା କମିଟି ପକ୍ଷରୁ ସ୍ୱର୍ଣ୍ଣମହଲ ଅପେରା ଦ୍ୱାରା ଯାତ୍ରା ପରିବେଷଣ ବ୍ୟବସ୍ଥା ରହିଛି। ବଜାର କମିଟି ସଭାପତି ସୁଶାନ୍ତ ଲେଙ୍କା, ସମ୍ପାଦକ ନବକିଶୋର ମହାପାତ୍ର, ଗିରିଶ ମହାନ୍ତି, ସତ୍ୟବ୍ରତ ବିଶାଳ, ତରଣୀସେନ ରାଉତ, ତପନ କୁମାର ମାଇତି, ବୃନ୍ଦାବନ ମହାଳିକ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ପରିଚାଳନା କରୁଛନ୍ତି।

## ନାଗରିକ ମଞ୍ଚର ସମୀକ୍ଷା ବୈଠକ



ସୋର, ୧।୧୧(ଜନ୍ମେଜୟ ମିଶ୍ର) ସୋର ନାଗରିକ ମଞ୍ଚର ସମୀକ୍ଷା ବୈଠକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରେଶ୍ୱର ଓ କଲେଜ ଛକ ଗଳାପୋଲର ପ୍ରଶସ୍ତି କରଣ କାର୍ଯ୍ୟ ଆରମ୍ଭ ପାଇଁ ଗତମାସ ୧୭ ତାରିଖରେ ୧୬ ନଂ. ଜାତୀୟ ରାଜପଥରେ ଅନୁଷ୍ଠିତ ଗଣଧାରଣା କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ତୁଲାଇ ଥିବା ମଞ୍ଚର ସମସ୍ତ ସଦସ୍ୟ ତଥା ପ୍ରତ୍ୟକ୍ଷ ସହଯୋଗ ପ୍ରଦାନ କରିଥିବା ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନମାନଙ୍କର ନେତୃବୃନ୍ଦମାନଙ୍କୁ ମଞ୍ଚ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବୈଠକରେ ବିଧାୟକ ମାଧବ ଚନ୍ଦ୍ର ଧଡ଼ା ଯୋଗଦେଇ ଜାତୀୟ ରାଜପଥ କାର୍ଯ୍ୟ ସହ ସୋରର ସାମଗ୍ରିକ ବିକାଶରେ ନାଗରିକ ମଞ୍ଚର ଭମିକାକୁ ପ୍ରଶଂସା କରିବା ସହ, ରାଜ୍ୟ ପ୍ରଶାସନିକ ସେବା ପାଇଁ ଯୋଗ୍ୟତା ହାସଲ କରିଥିବା ସୋର ଅଞ୍ଚଳର ଦୁଇ ଯୁବ ପ୍ରତିଭା ଅନୀଲ କୁମାର ଦାସ ଏବଂ ଦୀପ୍ତିରଞ୍ଜନ ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ନାଗରିକ ମଞ୍ଚ ସମ୍ପାଦକ ଡ.ନରହରି ନାୟକ ପୂର୍ବ ନିଷ୍ପତ୍ତିଗୁଡ଼ିକ ଉପସ୍ଥାପନ କରିଥିବା ବେଳେ ନବକିଶୋର ଦାସ, ମାୟାଧର ନାୟକ, ଉଦ୍ଧବ ଚରଣ ବିଶ୍ୱାଳ, ଦାମୋଦର ଦାଶମହାପାତ୍ର, ଜିତେନ୍ଦ୍ର ବେହେରା, ମନୋଜ କୁମାର ରାୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ଏକତା ଦିବସରେ ପରେଡ୍, ଶପଥପାଠ



ଶପଥପାଠ କାର୍ଯ୍ୟକ୍ରମରେ ଡିଆଇଜି, ଏସ୍‌ପି ଓ ରିଜର୍ଭ ଇନ୍ସପେକ୍ଟର।

ବାଲେଶ୍ୱର,୧।୧୧(ବାଞ୍ଛାନିଧି ଦେ) ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଦେଶର ପ୍ରଥମ ଗୃହମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ରିଜର୍ଭ ପୋଲିସ ଲାଇନ୍ ପଡ଼ିଆରେ ପୋଲିସ ବିଭାଗ ପକ୍ଷରୁ ପରେଡ ପ୍ରଦର୍ଶନ ସହିତ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ଯୋଗଦେଇ ପୋଲିସ ବାଟାଲିୟନଙ୍କ ଦ୍ୱାରା ପ୍ରଦର୍ଶିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀ ତଥା ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ସେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବାକୁ ନିଜକୁ ସମର୍ପିତ କରିବା ପାଇଁ ଶପଥପାଠ କରାଯାଇଥିଲା। ଏହି ଶପଥ ପାଠ ମାଧ୍ୟମରେ ସମଗ୍ର ଦେଶବାସୀଙ୍କ ମଧ୍ୟରେ ଏକତାର ବାର୍ତ୍ତା ପ୍ରେରଣ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ସମସ୍ତେ ନିଜର ସମ୍ପୂର୍ଣ୍ଣ ଯୋଗଦାନ ପାଇଁ ସତ୍ୟନିଷ୍ଠ ରହିବେ ବୋଲି ଶପଥ ନେଇଥିଲେ। ଏହି ଅବସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନୀତି ଓ ଆଦର୍ଶରେ ନିଜକୁ ଅନୁପ୍ରାଣିତ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଡ. ନାୟକ ଆହ୍ୱାନ ଦେଇଥିଲେ। ଏସ୍‌ପି ରାଜପ୍ରସାଦ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ବିରେନ କୁମାର ବେହେରା, ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା, ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ, ସଦର ଥାନା ଆଇଆଇସି ଦୟାନିଧି ଦାସ, ଇନ୍ସପେକ୍ଟର ପର୍ଶୁରାମ ସାହୁଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଗଣଦୌଡ଼

ଜଳେଶ୍ୱର, ୧।୧୧
(ନବୀନ ସାହୁ/ରବିନାରାୟଣ ପାତ୍ର )

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଭାଜପା ତରଫରୁ ଗୁରୁବାର ସକାଳେ ରାଇବଣିଆ ମଣ୍ଡଳ ଅଞ୍ଚଳରେ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ ରାଇବଣିଆ ଦୁର୍ଗ ଦ୍ୱାରଠାରୁ ଆରମ୍ଭ ହୋଇ କାଳିକ ବସ୍‌ଷ୍ଟାଣ୍ଡଠାରେ ଶେଷ ହୋଇଛି। ଏହାପରେ କାଳିକ ବସ୍‌ଷ୍ଟାଣ୍ଡ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ ରାଇବଣିଆ ଏବଂ ଜଳେଶ୍ୱର ଅଞ୍ଚଳର ୨୦୦ରୁ ଅଧିକ ଯୁବକ ଭାଗ ନେଇଥିଲେ। ଅନେକ ଯୁବକ ଆଗାମୀ ଦିନରେ ନେତୃତ୍ୱ ନେଇ ଅଞ୍ଚଳର ବିକାଶ ପାଇଁ ଅଙ୍ଗୀକାରବଦ୍ଧ ହେବା ସହିତ ଆଗାମୀ ଦିନରେ ଏ ମାଟିରେ ଅନେକ ବଲ୍ଲଭଭାଇ ପଟେଲ ଜନ୍ମ ନିଅନ୍ତୁ ବୋଲି ମୁଖ୍ୟଅତିଥି ବ୍ରଜମୋହନ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପାର ଜଳେଶ୍ୱର ନେତା ବ୍ରଜମୋହନ ପ୍ରଧାନ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ବିଶ୍ୱରୂପ ଦାସ, ପଶ୍ଚିମବାର୍ଡ ମଣ୍ଡଳ ସଭପତି ବିଜୟ କୁମାର ସାମଲ, ସର୍ଦ୍ଦାରବନ୍ଧ ସଦସ୍ୟ ଗଣେଶ ସରେନ, ସାମାଜିକ କର୍ମୀ ରାଜେଶ ଖଟୁଆ, ରାସବିହାରୀ ରଣା, ଶ୍ରୀକଣ୍ଠ ମହାନ୍ତି, ମଧୁସୂଦନ ଦତ୍ତ, ସଞ୍ଜୀବ ଜେନା, ସଂଗ୍ରାମ ପରିଡ଼ା, ଉଦୟନାଥ ମୁର୍ମୁ, ଦିଗମ୍ବର ଦାସ, ତାପସ ପାଣିଗ୍ରାହୀ ଓ ସଞ୍ଜୀବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳଗିରି ଉପଖଣ୍ଡ ହସ୍ପିଟାଲ ଅଚାନକ ପରିଦର୍ଶନ କଲେ ଏମ୍‌ପି

ନୀଳଗିରି, ୧।୧୧(ପ୍ରଶାନ୍ତ ବିଶ୍ୱାଳ) ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ଗମ୍ଭୀର ହେବାକୁ ଲାଗିଛି। ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଧିକାରୀମାନେ କୌଣସି ଦୃଷ୍ଟି ଦେଉନାହାନ୍ତି। ଶୁକ୍ରବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଚାନକ ନୀଳଗିରି ହସ୍ପିଟାଲ ପରିଦର୍ଶନ କରିଛନ୍ତି। ପରିଦର୍ଶନ ବେଳେ ଦୀର୍ଘଦିନ ହେବ ଛୁଟିରେ ଥିବା ହସ୍ପିଟାଲ ମ୍ୟାନେଜରଙ୍କ ଛୁଟି ଦରଖାସ୍ତରେ ଅନିୟମିତତା ହୋଇଥିବା ପ୍ରମାଣ ପାଇବା ସହ ଅନେକ କର୍ମଚାରୀ ବିନା ଦରଖାସ୍ତରେ ଅନୁପସ୍ଥିତ ଥିବା ପ୍ରମାଣ ପାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ଉପସ୍ଥାପନା ଖାତା ତଦାରଖ କରି ଏଥିରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏସ୍‌ଡିଏମ୍‌ଓ ଏବଂ ସିଡିଏମ୍‌ଓଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ।

## ଅଙ୍ଗଦାନ କରିଥିବା ୱାର୍ଡସଭ୍ୟଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ

ଔପଦା,୧।୧୧(ଧରିତ୍ରୀ ପଣ୍ଡା) ବାଲେଶ୍ୱର ଜିଲା ଔପଦା ଅଞ୍ଚଳର ଜଣେ ୱାର୍ଡସଭ୍ୟ ମୃତ୍ୟୁର ଶେଷ ସମୟରେ ନିଜର ଅଙ୍ଗଦାନ କରି ସମାଜରେ ଉଦାହରଣ ପାଲଟିଥିବାରୁ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଔପଦା ବ୍ଲକ ତଳକିଆ ପଞ୍ଚାୟତର ୨ନମ୍ବର ୱାର୍ଡ ନୀଳାଦେଇପୁର (ଦରଖୋଳି) ଗ୍ରାମର ୱାର୍ଡସଭ୍ୟ ଅଲେଖ ଚନ୍ଦ୍ର ପରିଡ଼ା (୫୯) ମୃତ୍ୟୁର ଶେଷ ସମୟରେ ଅଙ୍ଗଦାନ କରିଥିବାରୁ ରାଜ୍ୟ ସରକାରଙ୍କ ପ୍ରଶାସନ ପକ୍ଷରୁ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସମ୍ମାନ ଜଣାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତ ପରିଡ଼ା ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରଙ୍କ ପ୍ରଚେଷ୍ଟା ପରେ ମଧ୍ୟ ସ୍ଥିତିରେ ପରିବର୍ତ୍ତନ ନ ଆସିବାରୁ ଶେଷରେ ପରିବାର ପକ୍ଷରୁ ତାଙ୍କର ଅଙ୍ଗଦାନ କରିବାକୁ ସହମତି ପ୍ରକାଶ କରିଥିଲେ। ତାଙ୍କର ପାର୍ଥିବ ଶରୀର ପୂର୍ବାହ୍ନରେ ସଦର ତଳକିଆ ପଞ୍ଚାୟତରେ ପହଞ୍ଚିବା ପରେ ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷ ସମ୍ମାନ ଜଣାଯାଇଥିଲା।

## ବର୍ଡ଼ନା ସମ୍ପାଦକଙ୍କ ନିଯୁକ୍ତି ଉପରେ ରହିତାଦେଶ

ଖଇରା, ୧।୧୧(ଉତ୍କଳବନ୍ଧୁ ପଣ୍ଡା) ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ଡ଼ନା ସେବା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ନିତ୍ୟାନନ୍ଦ ନାୟକଙ୍କ ପୁନଃ ନିଯୁକ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ରଙ୍କ ତରଫରୁ କରାଯାଇଥିବା ଜନସ୍ୱାର୍ଥ ମାମଲା(ନମ୍ବର ୨୬୦୪୪)ର ବିଚାର କରି ବିଚାରପତି ଏସ୍‌କେ ପାଣିଗ୍ରାହୀ ଶୁଣାଇଥିବା ମଧ୍ୟବର୍ତ୍ତୀକାଳୀନ ରାୟରେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ନିଯୁକ୍ତି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ ସମ୍ପାଦକ ବର୍ଡ଼ନା ସମିତି କାର୍ଯ୍ୟାଳୟରୁ ସମସ୍ତ ରେକର୍ଡପତ୍ର ନିଜ ଅଧୀନକୁ ନେଇଯିବା ଅଭିଯୋଗରେ ତାଙ୍କୁ ବୋର୍ଡ ଅକ୍ଟୋବର ୨ତାରିଖରେ ବରଖାସ୍ତ କରିଥିଲେ। ସେପଟେ ବାଲେଶ୍ୱର ସହକାରୀ ନିବନ୍ଧକଙ୍କ ଅର୍ଡର ନମ୍ବର ୨୩୨୫ ତା୩।୧୦।୨୪ରିଖରେ ତାଙ୍କୁ ସମ୍ପାଦକ ଭାବେ ପୁନଃ ନିଯୁକ୍ତ କରାଯାଇଥିଲା। ଏହା ବିରୋଧରେ ବୋର୍ଡ ସଭାପତି ଉଚ୍ଚ ଅଦାଲତରେ ଆଶ୍ରୟ ନେଇଥିଲେ।

## ୪ଶହ ବାଳକ, ୧୭୬ ବାଳିକା ସାମିଲ

**ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା**

ବାଲେଶ୍ୱର, ୧।୧୧(ବାଞ୍ଛାନିଧି ଦେ) ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଓ ଚୟନ–୨୦୨୪ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଏବଂ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ୧୪ ଏବଂ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ଦୌଡ଼କୁଦ, କ୍ରିକେଟ, ସଫ୍ଟବଲ, ବେସବଲ ଏବଂ ରଗ୍‌ବୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାଗ୍ରହଣ ସାଙ୍ଗକୁ କ୍ରୀଡ଼ା ପିଲାଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ସେ ବୋଲି ସେ ବକ୍ତବ୍ୟରେ କହିଥିଲେ। ଜିଲା ଶିକ୍ଷା ଅଧିକାରିଣୀ ପ୍ରାଚୀତନୟା ଗିରି ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ଓ ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତି ଯୋଗଦେଇ ଖେଳ କେବଳ ଟାଇମ ପାସ୍ ପାଇଁ ନୁହେଁ ବରଂ ଏହା ବୃତ୍ତିର ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଯୋଗିତା ପରିଦର୍ଶନ କରିଥିଲେ। ଶାରିରୀକ ଶିକ୍ଷା ଅଧିକାରୀ ଅଶୋକ ନାୟକ ଅତିଥି ପରିଚୟ ପ୍ରଦାନ ଓ କ୍ରୀଡା ବିବରଣୀ ଉପସ୍ଥାପନ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହନ୍ତ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୪ଶହ ଜଣ ବାଳକ ଓ ୧୭୬ ଜଣ ବାଳିକାଙ୍କ ସହ ୫୮ଜଣ ମ୍ୟାନେଜର ଓ ୬୮ଜଣ ଅଫିସିଆଲଙ୍କୁ ମିଶାଇ ମୋଟ ୭୦୨ଜଣ ଅଂଶଗ୍ରହଣ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ବିଧାୟକଙ୍କ ସହ ଅତିଥିଗଣ।

## ତହସିଲ ଅଧୀନରୁ ଖଣି ବିଭାଗକୁ ଗଲା ପରେ

# ସୁବର୍ଣ୍ଣରେଖା ପଠାରୁ ଅବାଧ ବାଲି ଉଠାଣ

**ଅଭିଯୋଗ ସତ୍ତ୍ୱେ ହାତବାନ୍ଧି ବସିଛି ପୋଲିସ, ଖଣି ବିଭାଗ**

ଜଳେଶ୍ୱର, ୧।୧୧(ନବୀନ ସାହୁ)



ଲଘୁ ଖଣିଜ ପଦାର୍ଥ ତହସିଲ ଅଧୀନରୁ ଖଣି ବିଭାଗକୁ ଗଲା ପରେ ସୁବର୍ଣ୍ଣରେଖା ନଦୀରୁ ଅବାଧ ବାଲିଉଠାଣ ହେଉଥିବା ନଜରକୁ ଆସିଛି। ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ୍ ଅଧୀନରେ ରାଇବଣିଆ ଏବଂ ଜଳେଶ୍ୱର ଅଞ୍ଚଳରେ ଦକ୍ଷିଣ ପ୍ରହରାଜପୁର, ଗୁଆଗଡ଼ିଆ, ପ୍ରହରାଜପୁର, ଚାଲନ୍ତି, ଜମାଲପୁରରେ ଚାଲିଛି ବେଆଇନ ବାଲି ଉଠାଣ। ଦୈନିକ ଶହ ଶହ ଟ୍ରିପ ବାଲିଚାଲାଣ ହେଉଛି। ମାତ୍ର ଏଥିପ୍ରତି ପ୍ରଶାସନର ନିଘା ନାହିଁ। ଏନେଇ ଲୋକେ ବାରମ୍ବାର ସ୍ଥାନୀୟ ପୋଲିସ ଏବଂ ଖଣି ବିଭାଗ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ୍ୟ ଫଳ ଶୂନ।

ଜଳେଶ୍ୱର ତହସିଲ ଦକ୍ଷିଣ ପ୍ରହରାଜପୁର ଆରଆଇ ସର୍କଲର ଉକ୍ତ ସ୍ଥାନରେ ଏପରି ବାଲି ଉଠାଣ ଦିନରାତି ଚାଲିଛି। କିଛି ଲୋକ ବାଲି ଉଠାଣ ଓ ଚୋରା ଚାଲାଣକୁ ନିଜର ପେଶା କରିସାରିଲେଣି। ଦିନ ରାତି ଜେସିବି ଏବଂ ନୌକା ମାଧ୍ୟମରେ ବାଲି ଉଠାଇ ବୋହି ନେଇ ଟ୍ରକ୍, ଟ୍ରାକ୍ଟର ଦ୍ୱାରା ଚାଲାଣ ହେଉଛି। ଏହାଦ୍ୱାରା ବ୍ୟାପକ ରାଜସ୍ୱ ହାନି ହେଉଥିବା ବେଳେ ବାଲିଚାଲାଣ ଯୋଗୁ ରାସ୍ତାଘାଟ ମଧ୍ୟ ଖରାପ ହେଉଛି। ରାତିତମାମ ଘୋ' ଘା' ଶବ୍ଦରେ ଲୋକେ ଅତିଷ୍ଠ ହେଉଛନ୍ତି। ଏଭଳି ଚାଲି ଉଠାଣରେ ବିରୋଧ କରୁଥିବା ଗୋଷ୍ଠୀଙ୍କ ସହ ଚାଲାଣକାରୀ ଗୋଷ୍ଠୀଙ୍କ ମଧ୍ୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ଏସ୍‌ପି ଓ ଜିଲାପାଳ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସ୍ଥାନୀୟ ଅଞ୍ଚଳର ମୁକୁନ୍ଦ ରଞ୍ଜନ ଜେନା ବାରମ୍ବାର ଖଣି ବିଭାଗକୁ ଅଭିଯୋଗ କରିବା ପରେ କୌଣସି ସୁଫଳ ମିଳୁନି। ଏ ନେଇ ସେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ଗୋଟିଏ ମାତ୍ର ଲଘୁଖଣିଜ କାର୍ଯ୍ୟାଳୟ ରହିଛି। ଜଣେ ମହିଳା ଅଧିକାରୀଙ୍କୁ ନେଇ ଚାଲିଛି ଅଫିସ। ବାଲେଶ୍ୱରରୁ ଜଳେଶ୍ୱର ଆସି ଲଘୁ ଖଣିଜ ଚୋରାଚାଲାଣ ରୋକିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ବାଲେଶ୍ୱରରୁ ଜଳେଶ୍ୱର ଏବଂ ରାଇବଣିଆର ଦୂରତା ୭୦ କି.ମି.। ଜଳେଶ୍ୱରରେ ଲଘୁ ଖଣିଜ କାର୍ଯ୍ୟାଳୟ ସ୍ଥାପନ ହେଉ, ନ ହେଲେ ପୁଣି ଲଘୁ ଖଣିଜ ବିଭାଗ ତହସିଲ ବିଭାଗ ଅଧୀନକୁ ଫେରାଇ ଦିଆଯାଉ ବୋଲି ଜଳେଶ୍ୱର ଓ ରାଇବଣିଆର ଲୋକେ ଦାବି କରିଛନ୍ତି। ଏଥିପ୍ରତି ଏସ୍‌ପି ଓ ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏ ସମ୍ପର୍କରେ ଖଣି ବିଭାଗ ଅଧିକାରୀ ପ୍ରଭାସିନୀ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଖଣି ବିଭାଗକୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ଉଦଳା-କେନ୍ଦୁଝର ରାସ୍ତାରେ ବସ୍ ଦୁର୍ଘଟଣାଗ୍ରସ୍ତ



ଉଦଳା,୧।୧୧(ସନ୍ତୋଷ କୁମାର ବାଚ୍ଛିନୀ)- ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଉଦଳା-କେନ୍ଦୁଝର ରାସ୍ତାର ଜଡ଼ିଦା ଛକ ନିକଟରେ ଶୁକ୍ରବାର ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ବସ୍‌ଟି ରାସ୍ତା ପାର୍ଶ୍ୱକୁ ଢଳି ପଡ଼ିଥିବା ବେଳେ ଓଲଟିବା ପୂର୍ବରୁ ଏକ ଗଛରେ ଆଉଜି ହୋଇ ରହିଯାଇଥିଲା। ଫଳରେ ବସ୍‌ରେ ଥିବା ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନୀଳମାଧବ ନାମକ ଏହି ବସ୍‌ଟି ଉଦଳାରୁ ଠାକୁରମୁଣ୍ଡା ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବସ୍‌ଟି ଭାରସାମ୍ୟ ହରାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ରାସ୍ତା ପାର୍ଶ୍ୱରେ ପାଇପ୍ ଲାଇନ୍ ବିଛା ଯାଉଥିବା କାରଣରୁ ଗାତ ଖୋଳାଯାଇଛି, ଯେଉଁଥିପାଇଁ ସାମ୍ନାରେ ଆସୁଥିବା ଏକ ଗାଡ଼ିକୁ ସାଇଡ୍ ଦେବାକୁ ଯାଇ ଏହି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି।

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

ଗୋପବନ୍ଧୁ ନଗର,୧।୧୧(ଶାନ୍ତନୁ କୁମାର ମଢୁଆଳ)- ଗୋପବନ୍ଧୁ ନଗର ବ୍ଲକ ଅଧୀନ ଉଦଳା-ବୈଶିଙ୍ଗା ରାସ୍ତାର ଦାମାସାହି ଛକ ନିକଟରେ ଦୁର୍ଘଟଣାରେ ୨ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଉଦଳା ଥାନା ଅନ୍ତର୍ଗତ ଟଣକାସାହି ଗ୍ରାମର ରାଜେଶ କୁମାର ବାରିକ (୨୬) ତାଙ୍କ ସ୍ତ୍ରୀ ମଧୁସ୍ମିତାଙ୍କ ଓ ୨ ବର୍ଷର ପିଲାକୁ ଧରି ଏକ ବାଇକ୍‌ରେ କୁଆମରାସ୍ଥିତ ଭଉଣୀ ଘରକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଆସୁଥିବା ବଡ଼ସାହି ବ୍ଲକ ମାଣତ୍ରୀ ଅଞ୍ଚଳର କୁରୁକୁଠା ଗ୍ରାମର ଦୁର୍ଗା ଚରଣ ସିଂ ଓ କାଳି ଚରଣ ସିଂଙ୍କ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ରାଜେଶ ଓ ଦୁର୍ଗା ଗୁରୁତର ହୋଇଥିଲେ। ମଧୁସ୍ମିତା ଓ କାଳି ଚରଣ ଆହତ ହୋଇଛନ୍ତି। ୨ ବର୍ଷର ଶିଶୁ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କର୍ମଚାରୀ ଆହତମାନଙ୍କୁ ଉଦ୍ଧାର କରି କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ରାଜେଶ ଓ ଦୁର୍ଗାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଜାତୀୟ ଏକତା ଦିବସ

ବୈଶିଙ୍ଗା,୧।୧୧(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରାଇଡ଼ ଓ ନେହେରୁ ଯୁବ କେନ୍ଦ୍ର ସଂଗଠନ ସହାୟତାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ତିଥିରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଯୁବ ସଂଗଠକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପରିଡ଼ା ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲୌହ ମାନବଙ୍କ ସମ୍ବନ୍ଧରେ ରଚନା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଯାଞ୍ଚ କରିବେ ବିଡିଓ, ତହସିଲଦାର

**■ଆଶ୍ରମ,ସେବାଶ୍ରମରେ ପରିଚାଳନାଗତ ତ୍ରୁଟି**
**■ତାଗିଦ କଲେ ଜିଲାପାଳ**

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଥିବା ଆଶ୍ରମ ଓ ସେବାଶ୍ରମଗୁଡ଼ିକର ପରିଚାଳନାଗତ ତ୍ରୁଟିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ତେବାସୀଙ୍କୁ ଉତ୍ତମ ମାନର ଖାଦ୍ୟ ଓ ସେବା ଯୋଗାଇବା ଦିଗରେ ସ୍କୁଲର ପ୍ରଧାନ ଶିକ୍ଷକମାନେ ଅବହେଳା କରୁଥିବା ନଜରକୁ ଆସିଛି। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଆଦିବାସୀ ଅନୁସୂଚୀତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗର ହଷ୍ଟେଲକୁ ଯାଇ ଅନୁଧ୍ୟାନ କରିବାକୁ ଜିଲାପାଳ ହେମକାନ୍ତ ସୟ ସମସ୍ତ ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର ଖାଦ୍ୟ ପ୍ରଦାନ ସମ୍ପର୍କିତ ଅଭିଯୋଗ ନ ହେବା ପାଇଁ ସପ୍ତାହରେ ୧୫ଟି ହଷ୍ଟେଲକୁ ପରିଦର୍ଶନରେ ଯାଇ ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀମାନେ ଠିକ୍‌ଭାବେ ମନିଟରିଂ କରୁ ନ ଥିବାରୁ ଜିଲା ମଙ୍ଗଳ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ କହିଛନ୍ତି। ଜିଲାର ୨୬ଟି ବ୍ଲକରେ ଥିବା ଆଶ୍ରମ ଓ ସେବାଶ୍ରମ ସ୍କୁଲଗୁଡ଼ିକର ପରିଚାଳନାକୁ ନେଇ ବାରମ୍ବାର ଅଭିଯୋଗ ଉଠୁଛି। ଉତ୍ତମ ଖାଦ୍ୟ ସହିତ ହଷ୍ଟେଲ ପରିଚାଳନାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଏପରିକି ଆଦିବାସୀ କଲ୍ୟାଣ ବ୍ଲକ ସମ୍ପ୍ରସାରଣ ଅଧିକାରୀମାନେ ଆଶ୍ରମଗୁଡ଼ିକକୁ ପରିଦର୍ଶନ କରୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଫଳରେ ଅନ୍ତେବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସଫଳ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ନେଇ ଜିଲାପରିଷଦ ବୈଠକରେ ବାରମ୍ବାର ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକର ବିଡିଓ ଓ ତହସିଲଦାରମାନେ ହଷ୍ଟେଲକୁ ଗସ୍ତ କରି ଏହାର ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରତି ଦୁଇ ସପ୍ତାହରେ ଆଦିବାସୀ କଲ୍ୟାଣ ବ୍ଲକ ସମ୍ପ୍ରସାରଣ ଅଧିକାରୀମାନେ ହଷ୍ଟେଲ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ହଷ୍ଟେଲଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇପାରିବ ବୋଲି ଆଲୋଚନା ଜୋର ଧରିଛି । ତେବେ ସରକାରୀ ସ୍ତରରେ ଅନ୍ତେବାସୀଙ୍କୁ ପ୍ରଦାନ କରାଯାଉଥିବା ଅନୁଦାନକୁ ନେଇ ହଷ୍ଟେଲ ପରିଚାଳନା କରିବାରେ ନାନା ଅସୁବିଧା ଦେଖାଦେଇଛି। ଖାଦ୍ୟ ସାମଗ୍ରୀର ଅହେତୁକ ଦରଦାମ୍ ବୃଦ୍ଧି ଯୋଗୁ ପ୍ରଦତ୍ତ ଖାଦ୍ୟ ତାଲିକା ଅନୁଯାୟୀ ଖାଦ୍ୟ ପରିବେଷଣ କରିବାରେ ବ୍ୟାପକ ସମସ୍ୟା ଦେଖାଦେଉଛି ବୋଲି ପରିଚାଳନା ଦାୟିତ୍ୱରେ ରହୁଥିବା ଶିକ୍ଷକମାନେ କହିଛନ୍ତି ।

# ଲୁଟ୍ ମାମଲାରେ ୫ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ଲୁଟ୍ ସାମଗ୍ରୀ।

**ବୋଲେରୋ,ଏଲ୍‌ଇଡି ଟିଭି ଜବତ**

ରାଇରଙ୍ଗପୁର,୧।୧୧( ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପୋଲିସ ୨ଟି ଲୁଟ ଘଟଣାରେ ସଂଶ୍ଳିଷ୍ଟ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବୋଲେରୋ, ମାରୁତି କାର୍, ଏଲ୍‌ଇଡି ଟିଭି, ବିଦ୍ୟୁତ୍ ତାର ଆଦି ଲୁଟ୍ ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମର ସେକ ସାରୁକ, ରାଇରଙ୍ଗପୁର ସହରାଞ୍ଚଳ ଠାକୁରାଣୀ ବେଡ଼ା ବସ୍ତି ଅଞ୍ଚଳର ସେକ୍ ସାହାବୁଦ୍ଦିନ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦେରେଇ ଗ୍ରାମର ନଚିକାନ୍ତ ଦଳେଇ, ରାଇରଙ୍ଗପୁର ପୌରାଞ୍ଚଳ ୩ନଂ. ୱାର୍ଡ ମନ୍ଦିରସାହି ବସ୍ତିର କୁନୁ ସାହୁ ଏବଂ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବଡାମକୁରାଡ଼ି ଗ୍ରାମର ସେକ୍ ସାଦ୍ଦିକ୍। ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ୨ଟି ଲୁଟ ମାମଲା(ନଂ.୨୯୩/୨୪ ଓ ୩୦୩/୨୪) ରୁଜୁ ହୋଇଥିବା ଟାଉନ ଥାନାଅଧିକାରୀସୁଚନ୍ଦ୍ରମହାଲିକକହିଛନ୍ତି।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ମଞ୍ଚାସୀନ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଓ ଅନ୍ୟ ଅତିଥିମାନେ।

ଗୋପବନ୍ଧୁ ନଗର,୧।୧୧(ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବିଆର୍‌ସିସି କୁଳମଣି ନାଏକ, ସାନଖୁଣ୍ଟା ପଞ୍ଚାୟତ ସରପଞ୍ଚ ସୁମି ହାଁସଦା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମସାୟ ମାଝୀ, ଏବିଇଓ ଆରତୀ ରାଉତ, ରଞ୍ଜିତା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ୧୩ଟି ପଞ୍ଚାୟତର ୧୨ଟି କ୍ଲଷ୍ଟରରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୋଟ ୨୯ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନିତ ହୋଇଛନ୍ତି। ସିଆର୍‌ସିସି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ପକ୍ଷରୁ ନିପୁଣ ଓଡ଼ିଶା-୨୦୨୪ ପତ୍ରିକା ବିଧାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅପରାହ୍ନରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ମୟୂରଭଞ୍ଜ ଜିଲା ୬ଷ୍ଠ ଶ୍ରେଣୀ ଷ୍ଟେଜ୍-୧- ପଠାଣୀସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ବଡ଼ସାହି ବ୍ଲକ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ବ୍ଲକର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ୬ ଜଣ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଏହି ପରୀକ୍ଷାରେ ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ଉପ୍ରା ବିଦ୍ୟାଳୟର ଛାତ୍ରୀ ଦିପ୍ତୀମୟୀ ବେହେରା ସର୍ବୋଚ୍ଚ ୯୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବଡ଼ସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ସୁହାନା ନାୟକ, ମାରକୁଣ୍ଡି ଉପ୍ରା ବିଦ୍ୟାଳୟର ଛାତ୍ରୀ ସୁଚିତ୍ରା ବେହେରା ଓ ମାନଗୋବିନ୍ଦପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରୀ ସୋନାକ୍ଷୀ କବାଟ ପ୍ରତ୍ୟେକ ୭୨.୫ ନମ୍ବର ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଅଭିପ୍ସା ବେହେରା ୬୭.୫% ନମ୍ବର ରଖି ୫ମ, ତନ୍ମୟ ବାରିକ ୬୫% ନମ୍ବର ରଖି ୬ଷ୍ଠ, ଦିପ୍ତେଶ କୁମାର ସାହୁ, ଜିତେନ୍ଦ୍ର ସିଂ, ଜ୍ୟୋତି ଶଙ୍କର ସେନାପତି ପ୍ରତ୍ୟେକ ୬୨.୫% ନମ୍ବର ରଖି ଯୁଗ୍ମ ଭାବେ ଯଥାକ୍ରମେ ୭ମ, ୮ମ ଓ ୯ମ ସ୍ଥାନ ଓ ନିହାର ରଞ୍ଜନ ବେହେରା ୬୦% ନମ୍ବର ରଖି ୧୦ମ ସ୍ଥାନରେ ରହିଛନ୍ତି। ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା ଗୁରୁଜୀଙ୍କ ପ୍ରୟାସ ଓ ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି। ଏହି କୃତିତ୍ୱକୁ ନେଇ ପରିଚାଳନା ସମିତି ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ସମ୍ବର୍ଦ୍ଧିତ କରାଯାଇଛି।

# ୪ ସ୍ଥାନରେ ହେବ ଅଭିଯୋଗ ଶୁଣାଣି

**ନଭେମ୍ବର ପାଇଁ କାର୍ଯ୍ୟସୂଚୀ ଘୋଷଣା**

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କ ତତ୍ତ୍ୱାଧାନରେ ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ସକାଶେ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ମାସର ପ୍ରଥମ ସୋମବାର ୪ ତାରିଖରେ ସଦର ମହକୁମା ଉପଖଣ୍ଡର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିବିର ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ସୋମବାର ୧୧ ତାରିଖରେ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ରାଇରଙ୍ଗପୁରସ୍ଥିତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ଅର୍ଥାତ ୧୮ ତାରିଖରେ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଏବଂ ଚତୁର୍ଥ ସୋମବାର ୨୫ ତାରିଖରେ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳାସ୍ଥିତ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ସୂଚନା ଦେଇଛନ୍ତି।

# ୨ ସ୍ୱର୍ଣ୍ଣ ପଦକରେ ଚମକିଲେ ଆଲିଶା

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ବିଦ୍ୟାଳୟ ସମୂହ ଭାରୋତ୍ତଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ଛାତ୍ରୀ ଅଲିଶା ବେହେରା ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଲିଶା ବାରିପଦା ବ୍ଲକ ରାଗ୍‌ଧାସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ବିଜ୍ଞାନର ଛାତ୍ରୀ। ଗଞ୍ଜାମ ଜିଲା ବ୍ରହ୍ମପୁରସ୍ଥିତ ବରାହଗିରି ଭେଙ୍କଟ ସରକାରୀ ବାଳିକା ବିଦ୍ୟାଳୟରେ ଗତ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭାରୋତ୍ତଳନ ପ୍ରତିଯୋଗିତା ହୋଇଥିଲା । ଏଥିରେ ୫୯ କିଗ୍ରା ଓଜନ ବିଭାଗରେ ୧୭ବର୍ଷରୁ କମ ବାଳିକା ବିଭାଗରେ ଅଲିଶା ୬୨ ଓ ୭୬ କିଗ୍ରାକୁ ମିଶାଇ ମୋଟ ୧୩୮କେଜି ଓଜନର ଭାରୋତ୍ତଳନ କରି ସମଗ୍ର ଓଡ଼ିଶାରେ ପ୍ରଥମ ହୋଇ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ପାଇଁ ଗର୍ବ ଆଣିଦେଇଛନ୍ତି। ଏହି ସଫଳତାକୁ ନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି, ଶ୍ରୀରାମଚନ୍ଦ୍ର ଭଞ୍ଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଗ୍‌ଧାର ଅଧ୍ୟକ୍ଷ ଅନନ୍ତ ନାରାୟଣ ମିଶ୍ର, ପିଇଟି ରାମଚନ୍ଦ୍ର ବେଶ୍ରା, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଅଲିଶାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


ପୁରସ୍କାର ଗ୍ରହଣ ଅବସରରେ ଆଲିଶା(ମଝି) ଓ ଅନ୍ୟମାନେ।

# ୫୦୦୦୦ ଦୀପ ଜାଳିଲେ

ମୋରଡ଼ା,୧।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତର ନୂଆସାହି ଗ୍ରାମ ଦେବୀ ମା' କାଳାପାଠ ଠାକୁରାଣୀଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ୩୮ତମ ଦୀପାବଳି ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଗ୍ରାମରେ ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରଖିବା ନେଇ ପୂଜାରୀ ଭଦ୍ରୁ ଧଳ ଓ ଗ୍ରାମବାସୀ ମା'ଙ୍କ ନିକଟରେ ଗୁହାରୀ କରିବା ସହ ୫୦୦୦୦ ଦୀପ ଜଳାଇଥିଲେ। ଚଳିତ ବର୍ଷ ପୂଜା ସୁରୁଖୁରୁରେ ସମାପନ ହେବା ସହିତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୂଜା କମିଟି ସଭାପତି ଭାଗ୍ୟଦୀପ ମହାନ୍ତ, ସମ୍ପାଦକ ଆଦିତ୍ୟ ପାତ୍ର, ଭରତଚନ୍ଦ୍ର ସି, କୋଷାଧ୍ୟକ୍ଷ ଗୁହ୍ୟାସିଂ ହେମ୍ବ୍ରମ,ସଭାକର ମହାନ୍ତ, ହରିନାରାୟଣ ମହାନ୍ତ, ବସନ୍ତ ପାତ୍ର, ସୁଶାନ୍ତ ପାତ୍ର, ଜୟଚନ୍ଦ୍ର ପାତ୍ର, ମିଥୁନ ସିଂ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ନଡ଼ପୁର ଜଙ୍ଗଲରୁ ନରକଙ୍କାଳ ଜବତ

ବୈଶିଙ୍ଗା,୧।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ନଡ଼ପୁର ଜଙ୍ଗଲରୁ ଶୁକ୍ରବାର ପୋଲିସ ଏକ ନରକଙ୍କାଳ ଜବତ କରିଛି। ନରକଙ୍କାଳଟି ସ୍ଥାନୀୟ ନୂଆଗାଁ ଗ୍ରାମର ଅନିରୁଦ୍ଧ ବେହେରା(୫୫)ଙ୍କର ବୋଲି ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ଓ ବେତନଟୀ ରେଞ୍ଜର ମନୱର ଖାଁ କହିଛନ୍ତି। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ରେଞ୍ଜର ସୂଚନା ଦେଇଛନ୍ତି।ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ଅନିରୁଦ୍ଧ ନଡ଼ପୁର ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ସେହି ସମୟରେ ଉକ୍ତ ଜଙ୍ଗଲରେ ଏକ ଝାଡ଼ଖଣ୍ଡୀ ଦନ୍ତା ଚଳପ୍ରଚଳ କରୁଥିବାରୁ ହାତୀ ଆକ୍ରମଣରେ ଅନୁରୁଦ୍ଧଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ବନ ବିଭାଗ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ବନ ବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଜଙ୍ଗଲ ଭିତରେ ଖୋଜାଖୋଜି କରିଥିଲେ ମଧ୍ୟ ଅନିରୁଦ୍ଧଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ତେବେ ସେ ନିଖୋଜ ହେବାର ୧୦ ଦିନ ପରେ ପତ୍ର ତୋଳିବାକୁ ଯାଇଥିବା ଗ୍ରାମବାସୀ ନର କଙ୍କାଳ ଦେଖି ପୋଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜର ଖାଁ, ଫରେଷ୍ଟର, ଗାର୍ଡ ଏବଂ ବୈଶିଙ୍ଗା ଥାନାଧିକାରୀ ପ୍ରଧାନ,ଏସ୍‌ଆଇ ବୋଇତ ବେହେରା ଘଟଣାସ୍ଥଳରେ ପହଞ୍ଚି କଙ୍କାଳଟିକୁ ଜବତ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆରମ୍ଭହେଲା ଖୁଣ୍ଟା ପ୍ରିମିୟର ଲିଗ୍ କ୍ରିକେଟ

ଖୁଣ୍ଟା,୧।୧୧(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଖୁଣ୍ଟା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଖୁଣ୍ଟା ପ୍ରିମିୟର ଲିଗ୍ (କେପିଏଲ୍)ର ୧୦ମ ସଂସ୍କରଣ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଖଗେଶ୍ୱର ମଢୁଆଳ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫ୍ରାଞ୍ଚାଇଜ୍ ଟିମ୍‌ର ମାଲିକମାନେ ଉପସ୍ଥିତ ଥିଲେ।

୧୧ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ କ୍ରେଜି ଏକାଦଶ, ଜିତ୍ ଏକାଦଶ, କେ.ପି ୱାରିୟର, ମହାବୀର ଫାଇଟର, ଧାନଘେରା ସୁପର କିଙ୍ଗ୍ ଓ ପ୍ରମିଳା ଷ୍ଟ୍ରାଇକର ଆଦି ୬ଟି ଫ୍ରାଞ୍ଚାଇଜ୍ ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ କ୍ରେଜି ଏକାଦଶ ଓ କେପି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲ। କ୍ରେଜି ଏକାଦଶ ଟସ୍ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ କେପି ୱାରିୟର ୩ ଉଇକେଟ ବିନିମୟରେ ୧୫୫ ରନ ସଂଗ୍ରହ କରିଥିବା ବେଳେ କ୍ରେଜି ଏକାଦଶ ୯ ଉଇକେଟ ବିନିମୟରେ ମାତ୍ର ୧୨୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

# ପ୍ରାଥମିକ ଶିକ୍ଷକ ସଂଘର ଧାରଣା ପ୍ରତ୍ୟାହୃତ

ବଡ଼ସାହି,୧।୧୧(ସମ୍ବିତ କୁମାର ରାଉତ)

ବଡ଼ସାହି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଚାଲିଥିବା ଧାରଣା କାର୍ଯ୍ୟକ୍ରମ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ବକେୟା ଘରଭଡ଼ା, ବକେୟା ଦରମା, ୧୮ଜଣ ଶିକ୍ଷକଙ୍କର ୩୦ ବର୍ଷିଆ ବର୍ଦ୍ଧିତ ଦରମା,ସେବାପୁସ୍ତିକା ନବୀକରଣ, ଗ୍ରୁପ୍ ଇନସୁରାନ୍ସ ଅର୍ଥ ପ୍ରଦାନର ଚିଠି ପ୍ରକାଶ, ଭବିଷ୍ୟନିଧି ପାଣ୍ଠି ଉଠାଣରେ ବିଳମ୍ବ ସହ ଆୟକର ସମ୍ପର୍କୀତ କାଗଜପତ୍ର ଠିକ୍ ସମୟରେ ଦାଖଲ ଭଳି ୭ ଦଫା ଦାବି ସମ୍ବଳିତ ପତ୍ର ୨ଥର ଉପେକ୍ଷା କରି ପେନସନଭୁକ୍ତ ଶିକ୍ଷକସଂଘ ସହ ଆଲୋଚନା ନ କରିବା ପ୍ରତିବାଦରେ ଏହି ଧାରଣା ଦିଆଯାଇଥିଲା। ଧାରଣାର ନେତୃତ୍ୱ ନେଇଥିଲେ ବ୍ଲକ ସଭାପତି ରତିକାନ୍ତ ବେହେରା ଓ ସମ୍ପାଦକ ସଞ୍ଜୟ କୁମାର ଜେନା ଏବଂ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟଗଣ। ଧାରଣା ସ୍ଥଳରେ ଜିଲା ସଂଘର ସଭାପତି ଆରତ କୁମାର ପରିଡ଼ା ଓ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ, ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ରଙ୍କ ସହ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ମୁଖ୍ୟ ଆବାହକ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟଉପଦେଷ୍ଟା ରାଜେନ୍ଦ୍ର କୁମାର ଜେନା, ପୂର୍ବତନ ବ୍ଲକ ସଭାପତି ବିରେନ୍ଦ୍ର କୁମାର ପ୍ରଧାନ ଓ ଧ୍ରୁବେନ୍ଦ୍ର ଜେନା, ପୂର୍ବତନ ବ୍ଲକ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ସହ ଅନେକ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସ୍ମିତା ଗିରି, ଏବିଇଓ ପଦ୍ମଲୋଚନ ଦାସ ଓ ଅଫିସ ସହକାରୀ ମଦନ ଦାସ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ସାମିଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।


ଭଦ୍ରକ ସହର ରାଜଘାଟ ପୂଜା ମଣ୍ଡପ।


ଚରମ୍ପା ପିଡବ୍ଲ୍ୟୁ ପୂଜା ମଣ୍ଡପ।



ଟ୍ରାଫିକ ରେଲୱେ ପୂଜା ମଣ୍ଡପରେ ହୋଇଥିବା ବାରୁଆଳି।



ସ୍କୁଲରୋଡ୍ ମଣ୍ଡପ ତୋରଣ।

# ୧୦ ମଣ୍ଡପରେ ପୂଜା ପାଉଛନ୍ତି ମା'

## କାଳୀପୂଜାରେ ଝଲସୁଛି ଚରମ୍ପା

ଭଦ୍ରକ,୧।୧୧(ସନାତନ ରାଉତ)

ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପାଇଁ ଚରମ୍ପା ଉତ୍ସବମୁଖର ହୋଇଥିବା ବେଳେ ରଙ୍ଗିନ ଆଲୋକମାଳା ଓ ସୁନ୍ଦର ସାଜସଜ୍ଜାରେ ଝଲସୁଛି। ଦୀପାବଳିଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ଏବେଠାରୁ ଭିଡ଼ ଜମିଲାଣି। ଡାହାଣୀଗଡ଼ିଆ ହିରୋ ଶୋ'ରୁମ୍‌ଠାରୁ ଦମକଳ ଅଫିସ ଓ ହାଇସ୍କୁଲ ରୋଡ୍‌ଠାରୁ ଚରମ୍ପା ରେଲଷ୍ଟେଶନ ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଛି। ସେହିପରି ଷ୍ଟେଶନରୋଡ଼, ବିଶାଣିଖରିଦା, ନବଗ୍ରହ ମନ୍ଦିର ରୋଡ୍, ଏରେଇଁ, ଡଗରାସାହି, ପଥରଆଡ଼ି ବଜାରର ସମସ୍ତ ଗଳିକନ୍ଦି ସୌନ୍ଦର୍ଯ୍ୟମୟ ହୋଇଛି। ଚରମ୍ପାଠାରେ ଜଣେ ଦକ୍ଷିଣ ଭାରତୀୟ ରେଳ କର୍ମଚାରୀଙ୍କ ଘରୋଇ ପୂଜା ଏବେ ଗଣପର୍ବର ରୂପ ନେଇଛି। କାଳୀପୂଜାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ରାତିରେ କଳସ ସ୍ଥାପନ ପରେ ନୀତି ଅନୁସାରେ ପୂଜା ଆରମ୍ଭ ହୋଇଥିଲା। ଚରମ୍ପା ବଜାରର ଟ୍ରାଫିକ୍ ରେଲୱେ, ସ୍କୁଲରୋଡ୍ ପୂଜା କମିଟି ପକ୍ଷରୁ ଆର୍‌ସିବିଏଲ୍ ସ୍କୁଲ ପରିସର, ନବଗ୍ରହ ମନ୍ଦିର ରୋଡ୍, ଏରେଇଁ, ପିଡବ୍ଲ୍ୟୁ, ଡଗରାସାହି, ପଥରଆଡ଼ି କାଳୀପୂଜା କମିଟି, ପାଟଣାସାହି ଏବଂ ଓଏସ୍‌ଆର୍‌ଟିସି ୯ଟି ମଣ୍ଡପ, ଭଦ୍ରକ ସହରର ରାଜଘାଟ ପୋଲ ନିକଟରେ ମୋଟ ୧୦ ମଣ୍ଡପରେ ମା' ପୂଜା ପାଉଛନ୍ତି। ପିଡବ୍ଲ୍ୟୁ ପୂଜା କମିଟି ପକ୍ଷରୁ ପୂଜା ଏଥର ୧୦୭ ବର୍ଷରେ ପହଞ୍ଚିଥିବା ବେଳେ ପଥରକାଳୀ ସ୍ଥାୟୀ ମଣ୍ଡପରେ ହେଉଥିବା ପୂଜା ୯୯ ବର୍ଷରେ ପଦାର୍ପଣ କରିଛି। ସେହିପରି ୯୮ ବର୍ଷରେ ପହଞ୍ଚିଛି ଟ୍ରାଫିକ ରେଲୱେ ମଣ୍ଡପରେ ପୂଜା। ସ୍କୁଲ ରୋଡ୍ ପୂଜା ମଣ୍ଡପରେ ପୂଜା ଚଳିତବର୍ଷ ୫୫ ବର୍ଷ ଛୁଇଁଛି। ପଥରଆଡ଼ି ମଣ୍ଡପରେ ସୁଉଚ୍ଚ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ଚଳିତବର୍ଷ ୯ ଦିନ ଧରି ପୂଜା ଚାଲିବ। ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ଜିନିଷ, ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍ ଓ ମନୋହରି ଦୋକାନ ବହୁ ସଂଖ୍ୟାରେ ଲାଗିଥିବା ବେଳେ ସେଠାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା।

### ବାରୁଆଳିରେ ସଚେତନତା, ପୌରାଣିକ କିମ୍ବଦନ୍ତୀ

ବିଭିନ୍ନ ମଣ୍ଡପରେ ବାରୁଆଳିରେ ପୌରାଣିକ କିମ୍ବଦନ୍ତୀ ସାଙ୍ଗକୁ ସଚେତନତା ବାର୍ତ୍ତା ଦିଆଯାଇଛି। ସମ୍ପ୍ରତି ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ନେଇ ଜନସମାଜକୁ ସଚେତନତା ବାର୍ତ୍ତା ଉଦ୍ଦେଶ୍ୟରେ କେତେକ ମଣ୍ଡପରେ ତିଆରି ହୋଇଥିବା ବାରୁଆଳି ଦର୍ଶକଙ୍କୁ ଆକୃଷ୍ଟ କରୁଛି। ବର୍ତ୍ତମାନ ସମାଜରେ ମହିଳା ଗଣବଳାତ୍କାର ବଢ଼ି ଚାଲିଥିବା ବେଳେ ଏହାକୁ ନେଇ ଟ୍ରାଫିକ ରେଲୱେ ପୂଜା ମଣ୍ଡପରେ ମହିଳାଙ୍କ ସୁରକ୍ଷା ସଚେତନତା ବାରୁଆଳି କରାଯାଇଛି। ସେହିପରି ସ୍କୁଲରୋଡ୍ ପୂଜା ମଣ୍ଡପରେ ସଡ଼କ ସୁରକ୍ଷା ସଚେତନତା ନେଇ ବାରୁଆଳି ତିଆରି ହୋଇଛି।

### ସୁରକ୍ଷା ବ୍ୟବସ୍ଥା, ପଇଁତରା ମାରୁଛି ପୋଲିସ

ପକେଟ୍ ମାର୍ ଓ ଛିନ୍‌ତାଇ ରୋକିବା, ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାଦା ପୋଷାକରେ ପୋଲିସ ମୁତୟନ ରହିଥିବା ବେଳେ ପୂଜା ମଣ୍ଡପ ଓ ଭିଡ଼ ଅଞ୍ଚଳରେ ସିସିକ୍ୟାମେରା ଲଗାଯାଇଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଉପସ୍ଥିତ ରହିବା ସହ ପୋଲିସ ଟିମ୍ ବିଭିନ୍ନ ମଣ୍ଡପରେ ଭିଡ଼ ସମୟରେ ପଇଁତରା ମାରୁଛି। ପୂଜା ମଣ୍ଡପ ସହ ସହରର ବିଭିନ୍ନ ଛକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ୧ମ ଦିନରେ ବେଦମାତା, ୨ୟ ଦିନରେ ମହାକାଳୀ ବେଶ


ଭଦ୍ରକାଳୀ ଗୁରୁବାର ବେଦମାତା ବେଶରେ ଦର୍ଶନ ଦେଉଛନ୍ତି।


ଶୁକ୍ରବାର ମା'ଙ୍କ ମହାକାଳୀ ବେଶ।

## ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ

ଭଦ୍ରକ,୧।୧୧ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ ଗୁରୁବାର ଦୀପାବଳିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମା' ବେଦମାତା ବେଶରେ ପୂଜା ପାଇଥିଲେ। ଶୁକ୍ରବାର ୨ୟ ଦିବସରେ ମହାକାଳୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ବେଦମାତା ବେଶ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ଧାଡ଼ି ଲାଗିଥିଲା। ବେଦମାତା ବେଶରେ ମା'ଙ୍କ ମୁଖମଣ୍ଡଳ ହଳଦୀ ବର୍ଣ୍ଣ ଥିବାବେଳେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସୁସଜ୍ଜିତ ସହ ହଂସ ବାହନ ଥିଲା। ହଳଦିଆ ପାଟବସ୍ତ୍ର ପରିଧାନ ସହ ବାମହସ୍ତ ଯୁଗଳରେ ବେଦ ଓ କମଣ୍ଡଳୁ ଧାରଣ କରିଥିବା ବେଳେ ଦକ୍ଷିଣହସ୍ତ ଯୁଗଳରେ ପଦ୍ମ, ଜପାମାଳି ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପୂଜା ପାଇଥିଲେ। ସେହିପରି ମହାକାଳୀ ବେଶରେ ମା' ଭଦ୍ରକାଳୀ ପରମ ବୈଷ୍ଣବୀ ଭାବେ ପୂଜା ପାଇଛନ୍ତି। ବର୍ଷ ସାରା ଶାନ୍ତ ରୂପରେ ରହିଥିବା ବେଳେ ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଉଗ୍ରରୂପ ଧାରଣ କରିଥାନ୍ତି। ମା'ଙ୍କ ମୁଖମଣ୍ଡଳ ଶ୍ୟାମଳ ବର୍ଣ୍ଣ ଥିବାବେଳେ ନାଲି ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଛନ୍ତି। ରକ୍ତଜିହ୍ୱା, ମୁଣ୍ଡମାଳିନୀ, ଖଡ଼୍‌ଗଧାରିଣୀ ମା' ଭଦ୍ରକାଳୀ ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଗୁରୁବାର ସକାଳେ ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକଧାରୀ ମହିଳାମାନେ କଳସ ବୁଡ଼ାଇ ଶୋଭାଯାତ୍ରାରେ ଆସି ମା'ଙ୍କ ପୀଠରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ଶୁଭାଧିବାସ ପରେ ବିଧି ଅନୁଯାୟୀ ପୂଜାକର୍ମ ଓ ଯଜ୍ଞ ଆରମ୍ଭ ହୋଇଥିଲା।

## ବ୍ଲକ ବିଜେଡି ସଭାପତିଙ୍କ ପରଲୋକ

ତିହିଡ଼ି,୧।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବିଜେଡି ସଭାପତି ଭାଟପଡ଼ା ପଞ୍ଚାୟତ ଅଧୀନ ସଂଖିଡ଼ା ଗ୍ରାମର ରଘୁନାଥ ପଣ୍ଡା(୬୭)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ସେ ଭୁବନେଶ୍ୱରରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଏମ୍ସକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଘୁନାଥ ପୂର୍ବରୁ ଜିଲା ପରିଷଦ ସଭ୍ୟ ଥିଲେ। ରାତିରେ ମରଶରୀରକୁ ତିହିଡ଼ିସ୍ଥିତ ବିଜେଡି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ଗ୍ରାମକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ବିଜୟ ନାୟକ, ବିଷ୍ଣୁବ୍ରତ ରାଉତରାୟ, ରାଜେନ୍ଦ୍ର ଦାସ, ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଡା. ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ଶୁକ୍ରବାର ସକାଳେ ଉଚ୍ଚଶିକ୍ଷା, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରଘୁନାଥଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଭାଜପା ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ବରିଷ୍ଠ ନେତା ରଘୁନାଥ ପାତ୍ର, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସିତାକାନ୍ତ ନାୟକ, କେଶବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୀଣାପଦା କାଳୀପୂଜାକୁ ୬୦ ବର୍ଷ

## ବଡ଼ଭୋଗ ପୀଠରେ ମୁଖ୍ୟ ଆକର୍ଷଣ

ବାସୁଦେବପୁର,୧।୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ପଞ୍ଚାୟତ ବୀଣାପଦାଠାରେ ସାର୍ବଜନୀନ କାଳୀପୂଜା କମିଟି ଆନୁକୂଲ୍ୟରେ ମା' ଶ୍ୟାମାକାଳୀଙ୍କ ପୂଜା ଏଥର ୬୦ବର୍ଷ ଛୁଇଁଛି। କର୍ତ୍ତା ଭାବେ ଦୁଃଖୀଶ୍ୟାମ ବାରିକ, ଗୌରହରି ବାରିକ, ଶମ୍ଭୁନାଥ ବାରିକ, ବିଦ୍ୟାଧର ନାୟକ ଓ ଉମାକାନ୍ତ ପ୍ରଧାନ ସଂକଳ୍ପ କରିଛନ୍ତି। ପୂଜକ ପଣ୍ଡିତ ଭାବେ ଲକ୍ଷ୍ମଣ ଶତପଥୀ, ନରହରି ପାଣିଗ୍ରାହୀ, ରବୀନ୍ଦ୍ର ମିଶ୍ର ପ୍ରମୁଖ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଏହି ପୀଠରେ ମା'ଙ୍କ ନିକଟରେ ବଡ଼ଭୋଗ ମୁଖ୍ୟ ଆକର୍ଷଣ। ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁଙ୍କ ଭୋଗ ଏକ ସଙ୍ଗେ ନୈବିଦ୍ୟ ହୋଇ ମା'ଙ୍କ ନିକଟରେ ଲାଗି ହୋଇଥାଏ।

ଗୁଆଗଡ଼ିଆ ପଞ୍ଚାୟତ ଓ ଏହା ଆଖପାଖ ଗାଁରେ ପୂର୍ବରୁ ସବୁବେଳେ ଶସ୍ୟହାନି, ପ୍ରାକୃତିକ ବିପର୍ଯ୍ୟୟ ହେଉଥିବା ସହ ନାନା ଅନିଷ୍ଟରୁ ଲୋକଙ୍କ ରକ୍ଷା ଉଦ୍ଦେଶ୍ୟରେ ମା' କାଳୀଙ୍କ ପୂଜା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତତ୍କାଳୀନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ଦାସ, ସନାତନ ବାରିକ, ଦ୍ୱିଜଗୋବିନ୍ଦ ନାୟକ, ଗୟାଧର ବେହେରା, ଗଣେଶ ପ୍ରସାଦ ନାୟକ, ଶଙ୍ଖାଳୀ ଦାସ, ରାଜକିଶୋର ନାୟକଙ୍କ ସମେତ ଗ୍ରାମର ବୟୋଜ୍ୟେଷ୍ଠ ଲୋକେ ଏକ ଅସ୍ଥାୟୀ ଟେଣ୍ଟ ପକାଇ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏକ ଚାଳଛପର ଘରେ ମା'ଙ୍କ ପୂଜାବିଧି କରାଯାଇଥିଲା। ଦୀର୍ଘବର୍ଷ ଧରି ଚାଳଘରେ ପୂଜା ହେଉଥିବା ବେଳେ ଗାଁର ଦୁଃଖୀଶ୍ୟାମଙ୍କ ସହଯୋଗରେ ନିର୍ମିତ ସ୍ଥାୟୀ ପକ୍କାଗୃହରେ ଏବେ ମା' ପୂଜା ପାଉଛନ୍ତି। କମିଟି ସଭାପତି ବନମାଳୀ ଦାସ ଓ ସମ୍ପାଦକ ଗୌରହରି ବାରିକ୍ ଦାୟିତ୍ୱ ତୁଲାଉଛନ୍ତି। ବାସବ ଚନ୍ଦ୍ର ଦାସ, କୃପାସିନ୍ଧୁ ବାରିକ୍, ମୁକ୍ତିକାନ୍ତ ପରିଡ଼ାଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।


ବୀଣାପଦା ପୂଜା ମଣ୍ଡପରେ ମା' କାଳୀ।

## ମା' ଶ୍ୟାମାକାଳୀଙ୍କ ପୂଜା

ଧାମନଗର,୧।୧୧(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ କାଳୀପୂଜା ଆରମ୍ଭ ହୋଇଛି। ଦୋବଲଠାରେ ମା' ଶ୍ୟାମାକାଳୀଙ୍କ ପୂଜା ଏଥର ୫୭ ବର୍ଷରେ ପହଞ୍ଚିଛି। ଗୁରୁବାର ବିଳମ୍ବିତ ରାତିରେ ମଣ୍ଡପରେ ଘଟ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ ଦିବସରେ ମା'ଙ୍କ ଷୋଡ଼ଶ ଉପଚାର ଓ ଚଣ୍ଡୀପାଠ ଚାଲିଛି। ସନ୍ଧ୍ୟାରେ ଭଜନ ସହ ଅପେରା ଆୟୋଜନ ହୋଇଥିବା ବେଳେ ମୀନାବଜାର ପଡ଼ିଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ସେଲ୍ଫିପଏଣ୍ଟ ଓ ରଙ୍ଗବେରଙ୍ଗର ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଏନ୍‌ଏସି ଅଧୀନ ବଡ଼ବଜାର କାଳୀପୂଜା କମିଟି ପକ୍ଷରୁ ବହୁ ପୁରାତନ ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ଆରାଧନା କରାଯାଉଛି। ସେହିପରି ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗିର ଓ ଗୋବିନ୍ଦପୁର ବଜାର, ଭଗବାନପୁର, ଶହୀଦନଗର, ଆଦ୍ୟପୀଠ ବ୍ରାହ୍ମଣୀପାଳ, ବୟାଙ୍ଗଡିହ, ଚୁଡ଼ାକୁଟି, ମୁସ୍ତଫାପୁର, ଧୁଷୁରୀ, ଧାମନଗର ବଜାର ପୂଜା ମଣ୍ଡପରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି।


ଦୋବଲ କାଳୀବଜାର ପୂଜା ମଣ୍ଡପ।

# ଉତ୍ସବମୁଖର ଚାନ୍ଦବାଲି


ଚାନ୍ଦବାଲି ଏନ୍‌ଏସିରେ ମା' ଦକ୍ଷିଣେଶ୍ୱରୀ କାଳୀ ପୂଜା ପାଉଛନ୍ତି।

ଚାନ୍ଦବାଲି,୧।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସିରେ ମା' ଦକ୍ଷିଣେଶ୍ୱେରୀ କାଳୀଙ୍କ ପୂଜା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଛି। ଦୀପାବଳିଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ୧୨ ଦିନ ଧରି ଚାଲିବ। ମା'ଙ୍କୁ ଦର୍ଶନ ପାଇଁ ଚାନ୍ଦବାଲି ସମେତ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। କାଳୀପଡ଼ିଆରେ ମୀନାବଜାର, ବିଭିନ୍ନ ଦୋକାନ, ୩ ଅପେରା ପାର୍ଟି ପୂଜାର ଶୋଭା ବଢ଼ାଇବ। ପୋଲିସ ପକ୍ଷରୁ ଅତିରିକ୍ତ ସୁରକ୍ଷା ବଳ ବଢ଼ାଯାଇ ବିଭିନ୍ନ ଛକରେ ଟ୍ରାଫିକ ସମସ୍ୟା ଉପରେ ନଜର ରଖାଯାଇଛି।

## ଧୁମ୍‌ଧାମରେ କଳସ ବୁଡ଼ାଇଲେ ୪ କମିଟି

ବାସୁଦେବପୁର,୧।୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ଐତିହାସିକ କାଳୀପୂଜା ଆରମ୍ଭ ହୋଇଛି। ୪ ପୂଜା କମିଟି ମିଳିତ ଭାବେ ଧୁମ୍‌ଧାମ୍‌ରେ ଶୋଭାଯାତ୍ରାରେ ଯାଇ ଥାନା ପଛପାଖ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟସ୍ଥ ପୋଖରୀରେ କଳସ ବୁଡ଼ାଇଥିଲେ। ଟ୍ରାଫିକ ଛକଠାରେ ଥିବା ଆମ କାଳୀପୂଜା କମିଟି, ବ୍ଲକ୍‌ରୋଡ୍, ହାଇସ୍କୁଲ ଓ ତାରିଣୀ ଛକ ପୂଜା କମିଟି କର୍ମକର୍ତ୍ତା, ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରିଥିଲେ। କଳସ ବୁଡ଼ା ସରିବା ପରେ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ୨୦ଦିନ ଧରି ଏଠାରେ ପୂଜା ଚାଲିବ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବନ୍ତ,୧।୧୧(ହରି ନାରାୟଣ ମହାନ୍ତି)

ବନ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଧନିଓଖ ଗ୍ରାମର ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ପଣ୍ଡା(୬୧)ଙ୍କ ହୃଦ୍‌ଘାତରେ ଗୁରୁବାର ପରଲୋକ ହୋଇଛି। ୨ ଦିନ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀର ବନ୍ତରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ। ସେ ଭଦ୍ରକ ରାନ୍ଦିଆସ୍ଥିତ ଫେକର କମ୍ପାନୀର ଜଣେ କର୍ମଚାରୀ ଭାବେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରିଥିଲେ। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବନ୍ତ ପଞ୍ଚାୟତର ସରପଞ୍ଚ ଥିଲେ। ସେ ଜଣେ ସରଳ, ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ।

# ବିଜେଡିର ପ୍ରାୟୋଜିତ କହି ନିନ୍ଦା କଲା ଭାଜପା

## ଗଣବଳାତ୍କାର ମାମଲାରେ ୩ ନିର୍ଦ୍ଦୋଷରେ ଖଲାସ

ଚାନ୍ଦବାଲି,୧।୧୧ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଭୂଇଁବୃତି ଅଞ୍ଚଳରେ ଗତ ଜୁନ୍ ୨୬ ତାରିଖରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ମାମଲାରେ ଜେଲ ଯାଇଥିବା ୩ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ବିଜେଡି ଏହାକୁ ପ୍ରାୟୋଜିତ କରିଥିଲା ବୋଲି ଚାନ୍ଦବାଲି ଭାଜପା ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କାଉନସିଲର ଚନ୍ଦନ ରାଉତ ଅଭିଯୋଗ କରିଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଟାର୍ଗେଟ କରି ସେ କହିଥିଲେ, କିଛି ଭାଜପା କର୍ମୀଙ୍କୁ ଫସାଇବା ପାଇଁ ବିଧାୟକ ଚକ୍ରାନ୍ତ କରିଥିଲେ। ୩ଜଣ ନିର୍ଦ୍ଦୋଷରେ ଖଲାସ ହେବା ପରେ ବିଧାୟକଙ୍କ ଚକ୍ରାନ୍ତ ପଦାରେ ପଡ଼ିଛି। ଏହାକୁ ଭାଜପା ନିନ୍ଦା କରିବା ସହିତ ବିଧାୟକ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି। ଭାଜପା ପକ୍ଷରୁ କାହ୍ନୁଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ନିରଞ୍ଜନ ବଳ, ତ୍ରିଲୋଚନ ବେହେରା, ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଏନେଇ ବିଧାୟକ ରାୟ କହିଛନ୍ତି, ସେବେ ଘଟଣାର ସତ୍ୟତା ଥିଲା। ପୋଲିସ ଆଗରେ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଥିଲେ। ମେଡିକାଲ ରିପୋର୍ଟରେ ମଧ୍ୟ ସତ୍ୟତା ଥିଲା। ଏବେ ସେମାନେ ନିର୍ଦ୍ଦୋଷ। ପୀଡ଼ିତାଙ୍କୁ ଅର୍ଥ ଦେଇ ସେମାନେ ଚୁପ୍ କରାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ଜଣେ ଆଦିବାସୀ ମହିଳା ଭୁଇଁବୃତି ଅଞ୍ଚଳକୁ କାମ କରିବାକୁ ଆସିଥିଲେ। ନିଛାଟିଆ ପାଇ ସ୍ଥାନୀୟ ଅଞ୍ଚଳର ୩ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସ୍ଥାନୀୟ ବିଧାୟକ ରାୟ ଖବରଦାତା ସମ୍ମିଳନୀ କରି ଏଥିରେ ଭାଜପା କର୍ମୀମାନଙ୍କ ସମ୍ପୃକ୍ତି ରହିଥିବା ଏବଂ ଦଳର ରାଜ୍ୟ ସଭାପତିଙ୍କ ଚାପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ଆଣି ଟାର୍ଗେଟ କରିଥିଲେ। ପୋଲିସ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଘଟଣାର ୪ମାସ ପରେ ୩ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ବାଣ ଫୁଟି ଇଞ୍ଜିନିୟର ଗୁରୁତର

ଭଣ୍ଡାରିପୋଖରୀ, ୧।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ନିକଟ ବନ୍ଧାଲୋ-ମଢିଆଳି ପଞ୍ଚାୟତ ଖପୁରିଆପଦା ଗ୍ରାମରେ ଦୀପାବଳିରେ ହାତରେ ବାଣ ଫୁଟି ଇଞ୍ଜିନିୟର କମଳାକାନ୍ତ ମିଶ୍ର(୩୫) ଗୁରୁତର ହୋଇଛନ୍ତି। ବାଣ ଫୁଟାଉଥିବା ବେଳେ ଅସାବଧାନତା ବଶତଃ ତାଙ୍କ ହାତରେ ଫୁଟି ଯାଇଥିଲା। ତାଙ୍କ ବାମହାତ, ଡାହାଣହାତ ପାପୁଲି ଓ ବାମ ଆଖି କ୍ଷତାକ୍ତ ହୋଇଛି। ସେ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ସାହିତ୍ୟିକାଙ୍କ ପରଲୋକ

ଭଦ୍ରକ,୧।୧୧(ରବିନାରାୟଣ ଖିଲାର)


ରେଣୁବାଳା ନାୟକ

ଭଦ୍ରକର ସାହିତ୍ୟିକା, ଲେଖିକା, ସ୍ତମ୍ଭକାର ଓ କବୟିତ୍ରୀ ରେଣୁବାଳା ନାୟକ(୭୧)ଙ୍କ ଶୁକ୍ରବାର ଭୋର ସମୟରେ ଚରମ୍ପାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଚରମ୍ପା ସାହିତ୍ୟ ମଞ୍ଚର ସମ୍ପାଦକ ଉମାକାନ୍ତ ନାୟକଙ୍କ ସ୍ତ୍ରୀ। ତାଙ୍କ ପୁସ୍ତକ 'ସମୟର ଅନ୍ୱେଷଣ', 'ମାଟିଫୁଲ', 'ତୁମ ବିନା' ପାଇଁ ସେ ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। ସାହିତ୍ୟିକ ଇଂ. ଅଭୟ ସୂତାର, ଅଧ୍ୟକ୍ଷ ନୀହାର ରଞ୍ଜନ କର, ପଣ୍ଡିତ ଦୈତାରୀ ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ବିଜୁ ମହାପାତ୍ର, ସରପଞ୍ଚ ତିଳୋତ୍ତମା ମହାପାତ୍ର, ଶିକ୍ଷାବିତ୍ ଗୋପୀନାଥ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ରାଣୀତାଳସ୍ଥିତ ବାହାବଳପୁରଠାରେ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ପୁଅ ରଶ୍ମୀକାନ୍ତ ନାୟକ, ରଜତ ନାୟକ, ବ୍ରଜ କିଶୋର ନାୟକ, ତପନ ନାୟକ, ଝିଅ ରୂପଶ୍ରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ମା’ଶ୍ୟାମାକାଳୀ ପୂଜା କମିଟି, ଢେଙ୍କିକୋଟ୍।


ଢେଙ୍କା ବଜାର, ବଉଳା।


ଶାସ୍ତ୍ରୀନଗର, ଯୋଡ଼ା।


ପାଟଣା ମୁଖ୍ୟାଳୟ ବଜାର, ପାଟଣା।

# ପୁରପଲ୍ଲୀରେ ମା’କାଳୀଙ୍କୁ ଆରାଧନା

ବଉଳା,୧।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମା’ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି। ଏ ନେଇ ସହର, ଗାଁ ଆଲୋକମାଳାରେ ସଜ୍ଜା ଯାଇଥିବା ବେଳେ ତୋରଣରେ ଝଲସି ଉଠୁଛି। ଢେଙ୍କା ବଜାରରେ ଅନୁଷ୍ଠିତ କାଳିପୂଜା ସ୍ୱର୍ଗତ ପରିକ୍ଷିତ ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବେଳେ ଏହା ୭୦ ବର୍ଷରେ ପଦାର୍ପଣ କରିଛି। ଏବେ ପଦ୍ମନାଭ ପାଣିଗ୍ରାହୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଶରତ ପାଣିଗ୍ରାହୀ, ଶ୍ୟାମସୁନ୍ଦର କର, ଗୋପାଳ ପାଣିଗ୍ରାହୀ, ମୁନିବର ବାରିକ୍ ପ୍ରମୁଖଙ୍କ ସହଯୋଗରେ କାଳିପୂଜା ଚାଲୁ ରହିଛି। ସେହିପରି ବଣିଆପଙ୍କ, ସୋସୋ ବଜାର, ବିଦ୍ୟାଧରପୁର ବଜାରରେ ପାଳୀପୂଜା ହେଉଛି। ବସନ୍ତିଆରେ ଅନୁଷ୍ଠିତ ଶ୍ୟାମାକାଳୀଙ୍କ ପୂଜା ୯୬ ବର୍ଷରେ ପଦାପର୍ଣ କରିଛି। ଏହା କେନ୍ଦୁଝର-ଭଦ୍ରକ ସୀମାନ୍ତ ହୋଇଥିବାରୁ ବହୁଳ ଜନସମାଗମ ହେଉଛି।

### ମା’ଶ୍ୟାମାକାଳୀଙ୍କ ୩୪ତମ ପୂଜା

ଢେଙ୍କିକୋଟ(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ମା’ଶ୍ୟାମାକାଳୀ ପୂଜା କମିଟି ତରଫରୁ ଚଳିତ ବର୍ଷ ୩୪ ତମ ମା’ ଶ୍ୟାମାକାଳୀଙ୍କ ପୂଜା ଯଥାବିଧିରେ ପାଳିତ କରାଯାଇଛି। ଗୁରୁବାର ରାତି ୯ଟା ବେଳେ ସଂକଳ୍ପଧାରୀ ବିଜୟ ମଣ୍ଡଳଙ୍କ ଦ୍ୱାରା ମାଆଙ୍କ ଘଟ କଳସ ଅଣାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜକ କୁନି ପଣ୍ଡା ଏବଂ ସହଯୋଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ, ରଙ୍ଗୀନ ଆଲୋକ ମାଳରେ ସଜାଯାଇଛି। ଶୁକ୍ରବାର ମାଆଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା। କମିଟିର ସଭାପତି ସୁରେଶ ମଣ୍ଡଳ, ସମ୍ପାଦକ ନିରଞ୍ଜନ ଗିରି ସମେତ ୫୦ରୁ ଊର୍ଦ୍ଧ୍ୱ ସହଯୋଗ କରୁଛନ୍ତି। ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମାଆଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିବା ଦେଖିବାକୁ ମିଳିଛି।

### ଶାସ୍ତ୍ରୀନଗରରେ ଶ୍ୟାମାକାଳୀଙ୍କ ପୂଜା

ଯୋଡ଼ା(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ବନେଇକଳାସ୍ଥିତ ଶାସ୍ତ୍ରୀନଗର ସ୍ୱର୍ଗଦ୍ୱାର ଖେଳପଡ଼ିଆଠାରେ ମା’ ଶ୍ୟାମାକାଳୀଙ୍କ ଆରାଧନା କରାଯାଇଛି। ଗୁରୁବାର ସନ୍ଧ୍ୟାରୁ ସୁନା ନଦୀରୁ କଳସ ଆଣି ଘଟ ସ୍ଥାପନ କରାଯାଇଥିଲା। ରାତିରୁ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ କରାଯାଇଥିଲା। ପୂଜାରେ ପଣ୍ଡିତ ସୁଧାଂଶୁ ମିଶ୍ର, ଅମରେନ୍ଦ୍ର ଦୀକ୍ଷିତ, ମଳୟ ପାଣି ନିୟୋଜିତ ଅଛନ୍ତି। କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ସହିତ ସ୍ୱର୍ଗଦାର ପଡ଼ିଆକୁ ସଂଯୋଗ ରାସ୍ତା ଆଲୋକମାଳାରେ ସଜାଯାଇଛି। ବନେଇକଳା କାଳୀପୂଜା କମିଟି ସଭାପତି ଶୈଳେନ୍ଦ୍ର ଜୋରା, ସମ୍ପାଦକ ବିମଳ ପଟ୍ଟନାୟକ, ଉପ ସଭାପତି ବୃନ୍ଦାବନ ଲୋହାର, ସହ ସମ୍ପାଦକ ସୁଶୀଲକାନ୍ତ ଦଲେଇ, କୋଷାଧକ୍ଷ ସଂଗ୍ରାମ କେଶରୀ ମଲ୍ଲିକ, ସହକୋଷାଧକ୍ଷ ଜ୍ୟୋତିରଞ୍ଜନ ସାହୁ, ଆବାହକ ସାତ୍ୟକି ପ୍ରିୟଦର୍ଶନ ବେହେରା, ଗୋପାଳ ସାହୁ, କ୍ଷେତ୍ରମୋହନ ବେହେରା, ବ୍ରହ୍ମର ପାଣିଗ୍ରାହୀ, ପ୍ରଦୀପ ବେହେର ପ୍ରମୁଖ ପରିଚାଳନା କରୁଛନ୍ତି।

### ଆଲୋକମାଳା, ତୋରଣରେ ଝଟକୁଛି ବଜାର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବଜାର ଓ ତୁରୁମୁଙ୍ଗା ବଜାରରେ ବଣିକ ସଂଘ ପକ୍ଷରୁ ଗୁରୁବାର ରାତିରୁ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି। ଆଲୋକମାଳା ସହ ତୋରଣରେ ବଜାର ଝଟକୁଛି। ପାଟଣା ପୂଜାରେ କର୍ତ୍ତାଭାବେ ମନମୋହନ ବେହେରା ଓ ଅଞ୍ଜନା ବେହେରା ପୂଜାନୀତି ସମ୍ପନ୍ନ କରିଥିବା ବେଳେ ପୂଜକ ଭାବେ ରବୀନ୍ଦ୍ର ପାଣି ଓ ସସ୍ମିତ ପାଣି ଦେବନୀତି ସମ୍ପନ୍ନ କରିଥିଲେ। ସମସ୍ତ ନୀତିକାନ୍ତି ବଣିକ ସଂଘ ସଭାପତି ବୁଲୁ ଭଞ୍ଜ ଓ ସମ୍ପାଦକ ଅଜୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ପୂଜା କାର୍ଯ୍ୟକୁ ଦାଶରଥି ଦାଶ, ଅଜୟ ଦାଶ, ପ୍ରଦୀପ ବେହେରା, ଦକ୍ଷ ପ୍ରସାଦ ସାହୁ, ବିଟୁ ରାମ, ସହଦେବ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି। ଅନୁରୂପ ତୁରୁମୁଙ୍ଗା ହାଇସ୍କୁଲ ପଡ଼ିଆରେ ବଣିକ ସଂଘ ପକ୍ଷରୁ କାଳୀପୂଜା ଅନୁଷ୍ଠିତ ହେଉଛି। କର୍ତ୍ତାଭାବରେ ରମେଶ ଚନ୍ଦ୍ର ପୃଷ୍ଟି ଦେବନୀତି ସମ୍ପାଦନ କରିଥିବା ବେଳେ ପୂଜକ ଭାବେ ଭରତଚନ୍ଦ୍ର ପଣ୍ଡା ପୂଜାକାର୍ଯ୍ୟ ସମ୍ପନ୍ନ କରିଛନ୍ତି। ବଣିକ ସଂଘ ସଭାପତି ତାପସ ସାହୁ ଓ ସମ୍ପାଦକ ବିନୁଆ ଝାଲିଆ ପ୍ରମୁଖଙ୍କ ସହଯୋଗରେ ପୂଜା ହେଉଛି।

## କାଳୀତୀର୍ଥରେ ମା’ଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧।୧୧(ଦୀପକ ମିଶ୍ର): କେନ୍ଦୁଝର ଜିଲାକୁ ୨ ଦିନିଆ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ସର୍ବପୁରାତନ ପୂଜା କାଳି ପଡ଼ିଆର କାଳୀତୀର୍ଥରେ ମା’ଙ୍କ ଦର୍ଶନ କରିଥିଲେ। ମା’ଙ୍କ ଆଶିଷ ଭିକ୍ଷା କରିବା ସହ ରାଜ୍ୟବାସୀଙ୍କୁ ଦୀପାବଳି, କାଳୀପୂଜାର ଶୁଭେଚ୍ଛା ଜଣାଇଥିଲେ। ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝର ବିକାଶର ରାସ୍ତା ଖୋଲିବ। କେନ୍ଦୁଝରରୁ ହିଁ ଆରମ୍ଭ ହେବ ଓଡ଼ିଶା ବିକାଶର ରଥ। ମା’ କାଳୀଙ୍କ କୃପାରୁ କେନ୍ଦୁଝରର ପ୍ରଗତି ହେବ ବୋଲି କହିଥିଲେ। ଏଥିସହ କେନ୍ଦୁଝରର ସବୁଠାରୁ ବଡ଼ପର୍ବ କାଳୀପୂଜା। ସର୍ବ ପୁରାତନ କାଳି ପଡ଼ିଆର କାଳୀ ତୀର୍ଥରେ ମା’ଙ୍କ ଦର୍ଶନ କଲି। ଏହି ପୂଜାକୁ ସେ ପ୍ରତିବର୍ଷ ଆସି ମାଆଙ୍କ ଦର୍ଶନ କରନ୍ତି ଓ ମିନାବାଜାର ବୁଲି ଆନନ୍ଦ ଅନୁଭବ କରନ୍ତି। ମା’ଙ୍କ ପାଖରେ କେନ୍ଦୁଝରବାସୀଙ୍କ ସୁଖ, ଶାନ୍ତି ସମୃଦ୍ଧି କାମନା କରିଥିଲେ। କେନ୍ଦୁଝରର କେମିତି ଉନ୍ନତି ହେବ ମା’ଙ୍କ ପାଖରେ ପ୍ରାର୍ଥନା କରିଛି । ମା’ ମୋତେ ଆଶୀର୍ବାଦ କରିଛନ୍ତି, ଓଡ଼ିଶାର ଦାୟିତ୍ୱ ଦେଇଛନ୍ତି। ତେଣୁ ଓଡ଼ିଶାର ବିକାଶ ଓ ପ୍ରଗତି କେନ୍ଦୁଝରରୁ ଆରମ୍ଭ ହେବ ବୋଲି ବକ୍ତବ୍ୟରେ କହିଥିଲେ। କାଳୀପଡ଼ିଆଠାରେ ପହଞ୍ଚିବା ପରେ କାଳୀତୀର୍ଥ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କମିଟି କାର୍ଯ୍ୟାଳରେ କିଛି ସମୟ କଟାଇ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

## ଅଳଙ୍କାର, ଟଙ୍କା ଥିବା ଭ୍ୟାନିଟି ପାଇ ଫେରାଇଲେ

ରାମଚନ୍ଦ୍ରପୁର,୧।୧୧(ଗଣେଶ୍ୱର ସା)

### ମାନବିକତା ଦେଖାଇଲେ ଆମ୍ବୁଲାନ୍ସ କର୍ମଚାରୀ

କେନ୍ଦୁଝର ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା ଥିବା ଭ୍ୟାନିଟି ପାଇ ଫେରାଇଲେ ଆମ୍ବୁଲାନ୍ସ କର୍ମଚାରୀ। ବ୍ୟସ୍ତବହୁଳ ସମୟ ମଧ୍ୟରେ ବି ମାନବିକତା ଦେଖାଇ ଉଚିତ ଲୋକଙ୍କୁ ସାମଗ୍ରୀ ଫେରାଇ ଉଦାହାରଣ ସୃଷ୍ଟି କରିପାରିଛନ୍ତି। ସୂଚନା ଅନୁଯାୟୀ, ଗତ ବୁଧବାର ଅପରାହ୍ନରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କୁ ନେଇ କଟକ ବଡ଼ ମେଡିକାଲକୁ ଯାଉଥିଲେ। ସେ ସମୟରେ ଆନନ୍ଦପୁର ବ୍ଲକ୍ ବେଲବାହାଳି ବାଇପାସ ନିକଟ ରାସ୍ତା କଡ଼ରେ ପଡ଼ିଥିବା ଏକ ଭ୍ୟାନିଟି ବ୍ୟାଗରୁ ଗୋଟିଏ ସୁନା ହାର (୧ ଲକ୍ଷ ୪୮ ହଜାର ୬୨୦ ଟଙ୍କା), ୨ ରୁପା କଏନ, ଏଟିଏମ କାର୍ଡ, ପ୍ୟାନ କାର୍ଡ ସହ କିଛି ନଗଦ ଟଙ୍କା ପାଇଥିଲେ। ବିଳମ୍ବ ନ କରି ଆମ୍ବୁଲାନ୍ସ ଡ୍ରାଇଭର ବିଜୟ ମହାନ୍ତ ବ୍ୟାଗରେ ଥିବା ବିଲ ବାହାର କରି ଯୋଗାଯୋଗ କରିଥିଲେ। ରୋଗୀ ନେଇ ଯାଉଥିବାରୁ ସେଠାରୁ ଫେରି ରାତି ୧୨ଟାରେ ହଜିଥିବା ବ୍ୟକ୍ତି ତଥା ଘସିପୁରା ଥାନା ଅନ୍ତର୍ଗତ ସରେଇ ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ନିକଟକୁ ଯାଇ ବ୍ୟାଗ ଫେରାଇଥିଲେ। ସଞ୍ଜୟଙ୍କ କହିବା ଅନୁଯାୟୀ, ପରିବାରର ବାହାଘର ନିମନ୍ତେ ଭଦ୍ରକ ଜିଲାସ୍ଥିତ ଆଗରପଡା ବଜାରରୁ ସୁନା, ରୁପା କିଣି ତାଙ୍କ ଭଉଣୀଙ୍କୁ ଧରି ସାଇଁକୁଳ ଫାଣ୍ଡିସ୍ଥିତ ବରପଦା ଗ୍ରାମକୁ ଯାଉଥିଲେ। ସେ ସମୟରେ ବ୍ୟାଗଟି ଖସିପଡ଼ିଥିଲା। ବହୁ ଖୋଜାଖୋଜି କରି ବି ପାଇ ନ ଥିଲେ। ଆମ୍ବୁଲାନ୍ସ କର୍ମଚାରୀମାନେ ଫୋନ ମାଧ୍ୟମରେ ଜଣାଇବା ପରେ ଆଶସ୍ତି ମିଳିଥିଲା। ସାମଗ୍ରୀ ଫେରି ପାଇଥିବାରୁ ଆମ୍ବୁଲାନ୍ସ ଡ୍ରାଇଭର ବିଜୟ ମହାନ୍ତ, ଫାର୍ମାସିଷ୍ଟ ରାଧାମାଧବ ସାହୁ ଏବଂ ସହାୟକ ସୁନ୍ଦର ମୋହନ ସୋରେନଙ୍କୁ କୃତଜ୍ଞତା ଜଣାଇଥିଲେ।


ଆମ୍ବୁଲାନ୍ସ କର୍ମଚାରୀମାନେ।

## ଇଣ୍ଟରସିଟି ଏକ୍ସପ୍ରେସ୍‌ର ଗତିପଥ ପରିବର୍ତ୍ତନ

କେନ୍ଦୁଝର,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବଡ଼ବିଲରୁ କେନ୍ଦୁଝର ଦେଇ ପୁରୀ ଅଭିମୁଖେ ଯାଉଥିବା ୧୮୪୧୫ ବଡ଼ବିଲ ପୁରୀ ଇଣ୍ଟରସିଟି ଏକ୍ସପ୍ରେସର ଗତିପଥ ପରିବର୍ତ୍ତନ ହୋଇଛି। ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କାମ ଚାଲିଥିବାରୁ ନଭେମ୍ବର ୧ ତାରିଖରୁ ଭାୟା କଟକ ପରିବର୍ତ୍ତେ ଭାୟା କପିଳାସ ରୋଡ଼, ନରାଜ ବାରଙ୍ଗ ମଧ୍ୟ ଦେଇ ଚାଲିବ। ଅନୁରୂପ ପୁରୀରୁ ବଡ଼ବିଲ ଆସୁଥିବା ଟ୍ରେନ୍ ନମ୍ବର ୧୮୪୧୬ ମଧ୍ୟ କଟକ ନ ଯାଇ ବାରଙ୍ଗ ନରାଜ କପିଳାସରୋଡ଼ ଦେଇ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ ବଲି ପୂର୍ବତଟ ରେଳପଥ ତରଫରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନିରାକାର ଏମ୍‌ପିଙ୍କ ପ୍ରତିନିଧି

ଆନନ୍ଦପୁର,୧।୧୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏମ୍‌ପିଙ୍କ ପ୍ରତିନିଧି ଭାବେ ବରିଷ୍ଠ ଭାଜପା ନେତା ତଥା ଉପ ସଭାପତି ନିରାକାର ଦଳେଇଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ତାଙ୍କୁ ନିଯୁକ୍ତ କରିଥିବା ବେଳେ ଶୁକ୍ରବାର ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକରୀ ଅଜିତ କୁମାର ବାରିକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି।

### ୨ ବଖରା ଜଳିଗଲା

ରାମଚନ୍ଦ୍ରପୁର,୧।୧୧(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ତରୁଆଁ ପଞ୍ଚାୟତ କେନ୍ଦୁଖୁଣ୍ଟା ଗ୍ରାମରେ ଶୁକ୍ରବାର ସର୍ଟସର୍କିଟରୁ କାଳନ୍ଦୀ ମଲ୍ଲିକଙ୍କ ୨ ବଖରା ଚାଳ ଛପର ଘର ଜଳିଯାଇଛି। ଘସିପୁରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ସେତେବେଳକୁ ସମସ୍ତ ଆସବାବପତ୍ର ଓ ଧାନ, ଚାଉଳ, ଟଙ୍କା ଆଦି ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଦାବି କରିଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଯୋଡ଼ା,୧।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ୫୨୦ ଜାତୀୟ ରାଜପଥର ପ୍ରିନ୍ସ ହୋଟେଲ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ମୃତଦେହ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଶବ ଗୃହରେ ରଖାଯାଇଛି। ଶୁକ୍ରବାର ଅପରାହ୍ନରେ ବ୍ୟକ୍ତି ଜଣକ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ରୁଗୁଡ଼ି ପୋଲିସ ଏକ ମାମଲା (ନଂ. ୧୬/୨୦୨୪) ରୁଜୁ କରି ତଦନ୍ତ କରୁଛି।

## ବାଣ ଫୁଟାଇ ଅଙ୍ଗନୱାଡି ଗୃହ କବାଟ ଭାଙ୍ଗିଦେଲେ

ରାମଚନ୍ଦ୍ରପୁର,୧।୧୧(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ଜଳସୁଆଁ ଗ୍ରାମରେ ବାଣ ଫୁଟାଇ ଦୁର୍ବୃତ୍ତ ଅଙ୍ଗନୱାଡ଼ି ରୋଷେଇ ଘର କବାଟ ଭାଙ୍ଗିଦେଇଛନ୍ତି। ଶୁକ୍ରବାର ସକାଳ ୯ ଟାରେ ଅଙ୍ଗନୱାଡି ପାଚିକା କୁନି ବେହେରା ରୋଷେଇ ଘର କବାଟ ଖୋଲିବା ବେଳେ ଏଭଳି ଦେଖି ଅଙ୍ଗନୱାଡି କର୍ମୀ ରତ୍ନପ୍ରଭା ରଣାଙ୍କୁ ଜଣାଇଥିଲେ। ପରେ ଘଟଣା ବିଷୟରେ ରତ୍ନପ୍ରଭା ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ଅଙ୍ଗନୱାଡି ପରିଚାଳନ କମିଟିର ଚେୟାରମ୍ୟାନ ଯତୀନ୍ଦ୍ର ସାଙ୍କୁ ଜଣାଇଥିଲେ। ଏ ନେଇ ସାଇଁକୁଳ ଫାଣ୍ଡିରେ ଅଙ୍ଗନୱାଡି କର୍ମୀ ରତ୍ନପ୍ରଭା ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଚେୟାରମ୍ୟାନ ଯତୀନ୍ଦ୍ର ସା କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ରର ଚାରି ପାର୍ଶ୍ୱରେ ସୁରକ୍ଷା ପାଇଁ ପାଚେରି ନ ଥିବାରୁ ଅସାମାଜିକ ବ୍ୟକ୍ତିମାନେ ଏଠାରେ ଆଡା ଜମାଉଛନ୍ତି। ଗୁରୁବାର କେହି ବାଣ ଫୁଟାଇ ଏଭଳି ଘଟାଇଛି। ରୋଷେଇ ଘର ଭିତରେ ଗ୍ୟାସ ସିଲିଣ୍ଡର୍ ଥିଲା। ଯଦି ନିଆଁ ଲାଗିଥାନ୍ତା ତେବେ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥାନ୍ତି ବୋଲି କହିଛନ୍ତି।

## ନିରଞ୍ଜନଙ୍କୁ ବହିଷ୍କାର ପାଇଁ ଚିଠି

ହାଟଡ଼ିହୀ/ ବଉଳା,୧।୧୧ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ରୁରାଲ ହାଉସିଂ ବିପିସି (ବ୍ଲକ୍ ପ୍ରୋଜେକ୍ଟ କୋଅର୍ଡିନେଟର) ନିରଞ୍ଜନ ବାରିକଙ୍କୁ କାର୍ଯ୍ୟରୁ ବହିଷ୍କାର ପାଇଁ କେନ୍ଦୁଝର ସିଡିଓ କୁମାର ନାଗଭୂଷଣ ସମ୍ପୃକ୍ତ ଆଉଟ ସୋର୍ସିଂ ସଂସ୍ଥାକୁ ଚିଠି ଜାରି କରିଛନ୍ତି। କେନ୍ଦୁଝର ଜିଲା ପରିଷଦ ଚିଠି (ନଂ. ୫୯୬୯/୩୦ ଅକ୍ଟୋବର ୨୦୨୪)ରେ କାର୍ଯ୍ୟରୁ ଅନ୍ତର କରିବାକୁ ଦର୍ଶାଯାଇଛି। କାର୍ଯ୍ୟରେ ଅବହେଳା ଏବଂ ଅନିୟମିତତା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଚିଠିରେ ଉଲ୍ଲେଖ ରହିଛି।

## ଏଆଇଟିୟୁସିର ପ୍ରତିଷ୍ଠା ଦିବସ

ଯୋଡ଼ା,୧।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ରୁରୁଡ଼ିଠାରେ ଦେଶର ସର୍ବ ପ୍ରଥମ ଶ୍ରମିକ ସଂଗଠନ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ୧୦୫ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ ୟୁନିୟନ ତରଫରୁ ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲା ସାଧାରଣ ସମ୍ପାଦକ ଓ ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ପତାକା ଉତ୍ତୋଳନ କରିଥିଲେ। ପରେ ଅନୁଷ୍ଠିତ ଏକ ଶ୍ରମିକ ସମାବେଶରେ ଶ୍ରମିକଙ୍କୁ ସମ୍ବୋଧନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ଶ୍ରମ ଆଇନକୁ କମ୍ପାନୀ ସପକ୍ଷରେ ଲାଗୁ କରିବା, ଅହେତୁକ ଦର ବୃଦ୍ଧି, ସରକାରୀ ଶିଳ୍ପର ଘରୋଇକରଣ, ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାର୍ଯ୍ୟ ସମୟ ନିର୍ଦ୍ଧାରଣ ବିରୋଧରେ ନିଜର ବକ୍ତବ୍ୟ ରଖି ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଏମ୍‌ଏଫ୍‌ଡବ୍ଲ୍ୟୁ ୟୁନିୟର ଉପ ସଭାପତି କାହ୍ନୁଚରଣ ସାମଲ, ରାଜାରାମ ମୁଣ୍ଡା, ବନ୍ଧୁ ଜାମା, ପ୍ରମୋଦ ଶୁକ୍ଲା, ପରମ ପାତ୍ର, ଗୋବିନ୍ଦ ସାସମଲ ଓ ଅନ୍ୟ ଶ୍ରମିକ ନେତା ନିଜ ନିଜର ବକ୍ତବ୍ୟ ରଖିବା ସହ ଏଆଇଟିୟୁସିର ସଂଗ୍ରାମ ଇତିହାସ ବିଷୟରେ ଆଲୋଚନା କରିଥିଲେ।



ଏଆଇଟିୟୁସିର ପଦାଧିକାରୀମାନେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ଦାବି


ଅଭିଭାବକ ଓ ଗ୍ରାମବାସୀ।

ଆନନ୍ଦପୁର,୧।୧୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ମଡେଲ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ବେହେରାଙ୍କ ବଦଳି ପ୍ରତ୍ୟାହାର ଦାବି ହୋଇଛି। ଏ ନେଇ ମଡେଲ ସ୍କୁଲର ପରିଚାଳନା କମିଟିର ସଦସ୍ୟା ଏବଂ ଅଭିଭାବକ ଶୁକ୍ରବାର ଆନନ୍ଦପୁର ବିଇଓ ଅଜିତ କୁମାର ବାରିକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହର କରିବାକୁ ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟକୁ ପୁନର୍ବାର ଫେରାଇ ନ ଆଣିଲେ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ବିଜେଡିର ପଦଯାତ୍ରା ପ୍ରସ୍ତୁତି

ବଉଳା/ ଛେନାପଦି,୧।୧୧(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡ଼ିହୀ ବ୍ଲକ୍‌ରେ ପଦଯାତ୍ରା ପାଇଁ ବିଧାୟକ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାପୁରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ନେତା ବିଜୟ ରାଉତ, ଜିଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ବାବୁଲି ଲେଙ୍କା, ବସନ୍ତ ପଡ଼ିଆରୀ, ଫେଡୁ ପଣ୍ଡା, ସରପଞ୍ଚ ଅଜିତ୍ ରାଉତ, ଆନନ୍ଦ ରାଉତ, ନରୋତମ ଶତପଥି, ବିଷ୍ଣୁ ବେହେରା, ବାବୁଲି ସିଂ, ମୁନା ମଲ୍ଲିକ, କାଳିଆ ବିଶ୍ୱାଳ ପ୍ରମୁଖ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ସୋସୋଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ପଦଯାତ୍ରା ହେବ ବୋଲି ସ୍ଥିର ହୋଇଥିଲା।

## ଗୋରୁଙ୍କୁ ବନ୍ଦାପନା କରି ଅଣ୍ଡା ମଡ଼ାଇଲେ

କେନ୍ଦୁଝର/ ଚମ୍ପୁଆ/ ପାଟଣା,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ ମହେଶ୍ୱର ଦାସ/ ବୀର କିଶୋର ଦାଶ)

### କୁଡ଼ୁମୀ ସମ୍ପ୍ରଦାୟର ଗୋ ବନ୍ଦନା ପର୍ବ

କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ କୁଡୁମୀ ଓ ସାନ୍ତାଳ ସମ୍ପ୍ରଦାୟର ଲୋକେ ଦୀପାବଳି ଅବସରରେ ଗୋ-ବନ୍ଦନା ବା ଗୋଠାଣି ଉତ୍ସବ ପାରମ୍ପରିକ ରୀତିନୀତିରେ ପାଳନ କରିଛନ୍ତି। ୩ ଦିନ ଧରି ପର୍ବ ଅନୁଷ୍ଠିତ ହେବାକୁ ଥିବା ବେଳେ କେତେକ ସ୍ଥାନରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ଅନେକ ସ୍ଥାନରେ ଗୁରୁବାର, ଶୁକ୍ରବାରଠାରୁ ପୂଜା କରାଯାଉଛି। ବିଶେଷ କରି କେନ୍ଦୁଝର ଜିଲା ସଦର, ଚମ୍ପୁଆ, ପାଟଣା ଅଞ୍ଚଳରେ ପର୍ବକୁ ବେଶ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି।

ପ୍ରଥମ ଦିନରେ ଗ୍ରାମଦେବତୀଙ୍କୁ ଦେହୁରି ପୂଜା କରିବା ପରେ ଅପରାହ୍ନରେ ଗୋଠପୂଜା ଆରମ୍ଭ ହୋଇଥିଲା। ଗୋଠପୂଜା କୃଷିକାର୍ଯ୍ୟର ପ୍ରମୁଖ ସହଯୋଗୀ ବଳଦଙ୍କ ପାଇଁ ହୋଇଥିଲା। ଗ୍ରାମର ବଳଦଙ୍କୁ ଗାଁମୁଣ୍ଡରେ ଏକାଠି କରାଯିବା ସହିତ ପୂର୍ବରୁ ଦେହୁରୀଙ୍କ ଦ୍ୱାରା ଗୋଠପଡ଼ିଆରେ ସ୍ଥାପନ କରାଯାଇଥିବା ଅଣ୍ଡାମଡ଼ା ଯାଇଥିଲା। କୁଡୁମୀ ସମ୍ପ୍ରଦାୟର ପାରମ୍ପାରିକ ବାଦ୍ୟ ବଜାଇ ଏକାଠି ହୋଇଥିବା ଗୋରୁଙ୍କୁ ଘଉଡାଯାଇଥାଏ। ଯେଉଁ ମାଲିକଙ୍କ ଗୋରୁ ଗୋଡରେ ଅଣ୍ଡା ବାଜିଥାଏ ସେ ମାଲିକ ବର୍ଷର ଭାଗ୍ୟବାନ ମାଲିକ ଭାବରେ ପରିଗଣିତ ହୋଇଥାନ୍ତି। ଭାଗ୍ୟବାନ ମାଲିକଙ୍କ ଘରେ ପହଞ୍ଚି ଖାଦ୍ୟ, ପାନୀୟ ଗ୍ରହଣ କରି ରାତିସାରା ନାଚଗୀତ କରିଥାନ୍ତି। ଦ୍ୱିତୀୟ ଦିନ ଗୋବର୍ଦ୍ଧନ ପୂଜା ବା ଗୁହାଳ ପୂଜା, ତୃତୀୟ ତଥା ଅନ୍ତିମ ଦିନ ବୁଢ଼ୀ ବନ୍ଦନା ବା ଗୋରୁଖୁଣ୍ଟା ପର୍ବ ଅନୁଷ୍ଠିତ ହେବ ବୋଲି ସମ୍ପ୍ରଦାୟର ପୁରୁଖା ଲୋକ କହିଛନ୍ତି। ଶୁକ୍ରବାର ପାଟଣା ଥାନା କୁଣ୍ଡଳା ଓ ଗୁଜାପଥ ଗାଁ ମୁଣ୍ଡ ପଡ଼ିଆରେ ବନ୍ଦନା ପାଳିତ ହୋଇଛି। ଅପରାହ୍ନରେ ଗୋରୁଙ୍କୁ ନେଇ ଗାଁ ମୁଣ୍ଡ ପଡ଼ିଆରେ ଏକତ୍ରିତ କରାଯାଇଥିଲା। ଦେହୁରୀ ସ୍ୱତନ୍ତ୍ର ପୂଜା ନୀତିକାନ୍ତିରେ ପଡ଼ିଆର ଏକ ସ୍ଥାନରେ ଅଣ୍ଡା ରଖି ବଳ ପାହାଳ, ଗାଁ ଗୋରାମ ଓ ଧରମ ଦେବତାଙ୍କୁ କୁକୁଡ଼ା ବଳି ଉତ୍ସର୍ଗ କରି ପୂଜାର୍ଚ୍ଚନା କରିଥିଲେ। ଅନୁରୂପ ମଙ୍ଗଳବାର ଦିନ ସଦର ବ୍ଲକ୍‌ର ପଦ୍ମପୁର, ଗୋବର୍ଦ୍ଧନ, ପର୍ଜନପୁର, ନୂଆଗାଁ, ଶଙ୍କିରୀ, ନେଲୁଙ୍ଗ, ଡିମ୍ବ, ଶିରିଶିପାଳ, ବରଦାପାଳ, ମହାଦେଇଯୋଡ଼ା, କାଉରିକଳା, ହାଣ୍ଡିଭଙ୍ଗା, କାଠବାରି, ବାଉରିପଦା, ନରଣପୁର ଆଦି ବିଭିନ୍ନ ପଞ୍ଚାୟତରେ ପାଳନ କରାଯାଇଥିବା ବେଳେ ଗୁରୁବାରଠାରୁ ଚମ୍ପୁଆର ମହେଶ୍ୱରପୁର, କଇଁକା, ସିରପୁର ଅଞ୍ଚଳରେ ପର୍ବ ପାଳନ କରାଯାଇଛି। ହରେକୃଷ୍ଣ ମହାନ୍ତ କହିଛନ୍ତି, ଏହି ଦିନରେ ସମସ୍ତେ ଚାଷ କାର୍ଯ୍ୟରୁ ନିବୃତ ରହିଥାନ୍ତି। ଚାଷ କାର୍ଯ୍ୟରେ ମୁଖ୍ୟ ସହାୟକ ଗୋରୁଙ୍କୁ ପୂଜାର୍ଚ୍ଚନା କରାଯାଏ। ଏହା ଦ୍ୱାରା ଚାଷ ଭଲ ହୁଏ ଓ ଲୋକେ ଖୁସିରେ ରୁହନ୍ତି ବୋଲି ବିଶ୍ୱାସ ରହିଛି। ଗୋରୁଙ୍କୁ ବିଶ୍ରାମ ଦିଆଯାଇ ଶିଙ୍ଗରେ ତେଲ ମାରି, ମୁଣ୍ଡରେ ସିନ୍ଦୁର ପିନ୍ଧାଇ, ଫୁଲ ଦେଇ ପୂଜାର୍ଚ୍ଚନା କରି ବନ୍ଦାପନା କରାଯାଏ।


ଗୋରୁପଲ ଅଣ୍ଡା ମାଡ଼ୁଛନ୍ତି।

